## ସଂକ୍ଷେପରେ

### ହନୁମାନଙ୍କ ବିଗ୍ରହ ଭାଙ୍ଗିଲେ ଦୁର୍ବୃତ୍ତ

**ପାଣିକୋଇଲି,୨।୫(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ବ୍ରାହ୍ମଣ ସାହିରେ ନବ ନିର୍ମିତ ହନୁମାନ ମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ଏହି ମୂର୍ତ୍ତି ମଙ୍ଗଳବାର ଅକ୍ଷୟ ତୃତୀୟାରେ ପ୍ରତିଷ୍ଠା ହେବାକୁ ସ୍ଥିର ହୋଇଥିଲା । ସୋମବାର ସକାଳୁ ସେହି ମୂର୍ତ୍ତି ଭଙ୍ଗାଯାଇଥିବା ଦେଖିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । କିଏ ଓ କେଉଁ ଉଦ୍ଦେଶ୍ୟରେ ଠାକୁରଙ୍କ ପ୍ରତିମା ଭାଙ୍ଗିଛନ୍ତି ତାର ତଦନ୍ତ ସହିତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

### ବଧୂହତ୍ୟା ଅଭିଯୋଗ, ସ୍ୱାମୀ କୋର୍ଟ ଚାଲାଣ

**ରସୁଲପୁର,୨।୫(ଡି.ଏନ୍.ଏ.):** କୁଆଖିଆ ଥାନା ଅନ୍ତର୍ଗତ ବଡ଼କଇଁଚି ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମର ଶ୍ରୀଧର ସାହୁଙ୍କୁ ପୋଲିସ ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି । ବାପଘର ଲୋକଙ୍କ ଅଭିଯୋଗ ଆଧାରରେ ଘଟଣା ଘଟିବାର ୧୫ଦିନ ପରେ ପୋଲିସ ଥାନାରେ ଆଉ ଏକ ମାମଲା (ନଂ.୧୫୧/୨୨) ରୁଜୁ କରିଥିଲା ଶ୍ରୀଧରଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ଗତମାସ ୧୬ରେ ଶ୍ରୀଧର ସାହୁଙ୍କ ସ୍ତ୍ରୀ ଶୁଭଶ୍ରୀ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏ ସମ୍ପର୍କରେ ଖବର ପାଇ ଶୁଭଶ୍ରୀଙ୍କ ବାପା ବୃନ୍ଦାବନ ସାହୁ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ସେତେବେଳେ ତାଙ୍କ ଝିଅ ଆତ୍ମହତ୍ୟା କରିଛି ବୋଲି ଶୁଣି ଅଭିଯୋଗ କରିଥିଲେ ବୋଲି ଦର୍ଶାଇ ଥିଲେ । ପ୍ରଥମ ଅଭିଯୋଗ ମୁତାବକ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୦୮/୨୨)ପୋଲିସ ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ହେଲେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବୃନ୍ଦାବନ ଗତମାସ ୨୯ରେ ଥାନାରେ ଆଉ ଏକ ଅଭିଯୋଗ କରି ଝିଅର ସ୍ୱାମୀ ଶ୍ରୀଧର, ଶାଶୁ ଓ ପରିବାର ଲୋକେ ମିଶି ଶୁଭଶ୍ରୀଙ୍କୁ ମାରି ଦେଇଛନ୍ତି ବୋଲି ଦର୍ଶାଇଥିଲେ।

### ମୂଲ୍ୟବୋଧଭିତ୍ତିକ ସେବା ପାଇବା ପ୍ରତ୍ୟେକ ବ୍ୟକ୍ତିଙ୍କ ଅଧିକାର

#### ଜନସେବା ଅଧିକାର ଆଇନ କର୍ମଶାଳା

**ଯାଜପୁର ଟାଉନ,୨।୫(ଡି.ଏନ.ଏ.):** ସାଧାରଣ ଲୋକଙ୍କୁ ଉନ୍ନତ ଓ ସମୟ ଉପଯୋଗୀ ସେବା ଯୋଗାଇଦେବାକୁ ସରକାର ଅନେକ ବ୍ୟବସ୍ଥା କରିଛନ୍ତି। ଏହାର ଠିକ ରୂପାୟନ ଓ ଅନୁପାଳନ ପାଇଁ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ପରାମର୍ଶ ଦେଇଛନ୍ତି। ଜିଲା ପରିଷଦ ସଭାଗୃହରେ ଓଡ଼ିଶା ଜନସେବା ଆଇନ ସମ୍ପର୍କରେ ଏକ କର୍ମଶାଳାରେ ଜିଲାପାଳ ଅଧକ୍ଷତା କରି ମୂଲ୍ୟବୋଧଭିତ୍ତିକ ସେବା ପାଇବା ପ୍ରତ୍ୟେକ ବ୍ୟକ୍ତିର ଅଧିକାର ବୋଲି କହିଛନ୍ତି। ସରକାରୀ କର୍ମଚାରୀମାନେ ଲୋକମାନଙ୍କୁ ଠିକ୍ ସେବା ଯୋଗାଣ ସହ ୫-ଟି ଆଧାରରେ କାର୍ଯ୍ୟ ପରିଚାଳନା କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ପ୍ରଶାସନିକ ଏଡିଏମ୍ ମିହିର ପ୍ରସାଦ ମହାନ୍ତି ଓ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ମଧ ଏହି ବିଷୟ ଉପରେ ଆଲୋଚନା କରିଥିଲେ। ଅତିରିକ୍ତି ଏସ୍‌ପି ନାରାୟଣ ଚନ୍ଦ୍ର ବାରିକ, କଳିଙ୍ଗନଗର ଅତିରିକ୍ତ ଏସ୍‌ପି ସିଲଭାନିସ ଟପୋ ପ୍ରମୁଖ ଯୋଗ ଦେଇଥିବାବେଳେ ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି ଜନସେବା ଅଧିକାର ଆଇନର ବିଭିନ୍ନ ନିୟମ ଓ ଉଲ୍ଲଂଘନ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ।

# ଶ୍ରମିକମାନେ ଦେଶ ନିର୍ମାଣ, ପ୍ରଗତିର କର୍ଣ୍ଣଧାର

**ଯାଜପୁର ଟାଉନ,୨।୫(ଡି.ଏନ.ଏ.)**

ଯାଜପୁର ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଶ୍ୱ ଶ୍ରମିକ ଦିବସ ସ୍ଥାନୀୟ ଜିଲା ପରିଷଦ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ନଳିନୀପ୍ରଭା

## ଜିଲାସ୍ତରୀୟ ଶ୍ରମିକ ଦିବସ ସମାରୋହ

ଜେନା ଯୋଗଦେଇ ଶ୍ରମିକମାନେ ଦେଶ ନିର୍ମାଣ ଓ ପ୍ରଗତିର କର୍ଣ୍ଣଧାର ବୋଲି କହିବା ସହିତ ଦେବାଳୟଠାରୁ ଆରମ୍ଭ କରି କାର୍ଯ୍ୟାଳୟ ଓ ରାସ୍ତାଘାଟ ଇତ୍ୟାଦି ନିର୍ମାଣରେ ଶ୍ରମିକମାନଙ୍କର ସ୍ୱାକ୍ଷର ପ୍ରତିଫଳିତ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ



ଜଣେ ଶ୍ରମିକଙ୍କୁ ସହାୟତା ରାଶି ଚେକ୍‌ରେ ପ୍ରଦାନ କରାଯାଉଛି ।

ଶ୍ରମିକମାନେ ସୃଷ୍ଟି ଓ ସ୍ରଷ୍ଟା ବୋଲି ଅଭିହିତ କରି ସେମାନେ ଦେଶ ଓ ବିଶ୍ୱର ମୁଖ୍ୟ ସମ୍ବଳ ବୋଲି କହିଥିଲେ। ଶ୍ରମିକମାନଙ୍କ ଅଧିକାର ଓ ସେମାନଙ୍କ ପାଇଁ ଉପଲବ୍ଧ ଯୋଜନାଗୁଡ଼ିକ ଯେପରି ସେମାନଙ୍କ ନିକଟରେ ପହଞ୍ଚି ପାରିବ ସେଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ମଲ୍ଲିକ ପରାମର୍ଶ ଦେଇଥିଲେ। ଏହି ଉତ୍ସବକୁ ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ପରିଚାଳନା କରିଥିବାବେଳେ ଶ୍ରମ ନିରୀକ୍ଷକ ସଞ୍ଜୀବ କୁମାର ଦେଓ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୪ଜଣଙ୍କୁ ମୃତ୍ୟୁକାଳୀନ ସହାୟତା, ୫ଜଣଙ୍କୁ ଅଣ ସଙ୍ଗଠିତ ପରିଚୟ ପତ୍ର, ୪ଜଣ ଶ୍ରମିକଙ୍କ ସନ୍ତାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ସହାୟତା, ୪ଜଣଙ୍କୁ ପ୍ରସବକାଳୀନ ସହାୟତା ଓ ୪ଜଣଙ୍କୁ ବିବାହ ସହାୟତା ପ୍ରଦାନ କରାଯାଇଥିଲା ।

# ହତ୍ୟାର ଡେମୋ ଦେଖାଇଲେ ଅଭିଯୁକ୍ତ

## ଜ୍ୟୋତି ବଳାତ୍କାର, ହତ୍ୟା ଘଟଣା

**ବରୀ,୨।୫(ଡି.ଏନ.ଏ.)**

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଅନ୍ୟାସୀପୁର ଖର୍ଦ୍ଦାସାହି ନିକଟସ୍ଥ ବ୍ରାହ୍ମଣୀ ନଦୀପଠାରୁ ଗତ ଫେବୃୟାରୀ ୧୮ରେ ଜ୍ୟୋତି ରଣା ନାମ୍ନୀ ଜଣେ ନାବାଳିକାଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୦୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ହେଲେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ବଳାତ୍କାର ଓ ହତ୍ୟା ଘଟଣା ବୋଲି ସ୍ପଷ୍ଟ ହୋଇଥିଲା । ଏହାପରେ ବରୀ ପୋଲିସ କିଛିଦିନ ଚୁପ୍ ହୋଇ ବସିଥିଲା । ହେଲେ ଏ ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଶେଷରେ ଉକ୍ତ ଘଟଣାରେ ପୋଲିସ ସୁବ୍ରତ ବେହେରା ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।


ପୋଲିସ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଉଛି ।

ରବିବାର ପୋଲିସ ସୁବ୍ରତଙ୍କୁ ରିମାଣ୍ଡରେ ଆଣି ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି କି ନାହିଁ ତଦନ୍ତ ଆରମ୍ଭ କରିଛି। ସୁବ୍ରତଙ୍କୁ ପୋଲିସ ମୃତଦେହ ମିଳିଥିବା ସ୍ଥାନକୁ ଆଣି ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛି। ଏହି ତଦନ୍ତ ସମୟରେ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର, ଥାନା ଅଧିକାରୀ ମନୋଜ ସ୍ୱାଇଁଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୁବ୍ରତ କିଭଳି ଜ୍ୟୋତିଙ୍କୁ ହତ୍ୟା କଲେ ଏବଂ କେଉଁ ସ୍ଥାନରେ ମୃତଦେହକୁ ପକାଇଥିଲେ ତା'ର ଡେମୋ ଦେଖାଇଥିଲେ। ବିଶେଷକରି ଜ୍ୟୋତିଙ୍କ ପରିବାରକୁ ସ୍ଥାନୀୟ ଲୋକମାନେ ଏକଘରିଆ କରିଥିବା ନାବାଳିକାଙ୍କ ବାପା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ନାବାଳିକାଙ୍କୁ ନିର୍ଯାତନା, ବାପ ପୁଅ ଗିରଫ

**ଜେନାପୁର,୨।୫(ଡି.ଏନ.ଏ.)**

ଜଣେ ନାବାଳିକାଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଜେନାପୁର ଥାନା ପୋଲିସ ଜଣେ ବ୍ୟକ୍ତି ଓ ତାଙ୍କ ପୁଅଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଚକ୍ରଧରପୁର ପଞ୍ଚାୟତ ଅଧୀନ ବଲାଙ୍ଗିଆ ଗ୍ରାମର ଭାଗିରଥୀ କେଶରୀ ଦାସ (୫୦) ଓ ତାଙ୍କ ପୁଅ ରତ୍ନା କେଶରୀ ଦାସ (୨୧)। ପୋଲିସର ସୂଚନା ମୁତାବକ ଗତ ମାସ ୪ ରେ ଭାଗିରଥୀ ଓ ରତ୍ନା ଟମକା ଥାନା ଅଧୀନ ଫୁଲଝର ଗ୍ରାମର ରଶ୍ମିତା ଦାସ (୧୭)ଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ । ଏ ସଂକ୍ରାନ୍ତରେ ରଶ୍ମିତା ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୬/୨୨) ଦ ଫ । ୩୪୧ / ୩୬୩ / ୩୫୪ / ୩୨୩/୩୪୧/ଆଇପିସି/ସେକ୍‌ସନ ୧୨ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ଉଭୟ ବାପ ଓ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ ।

**ରସୁଲପୁର,୨।୫(ଡି.ଏନ୍.ଏ.)**

ରସୁଲପୁର ବ୍ଲକ୍ କଲଣ ପଞ୍ଚାୟତ ତୋଟା ପଡ଼ିଆରେ ଓଡିଶା ଆଦର୍ଶ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି । ପ୍ରକଳ୍ପ ପାଇଁ ହୋଇଥିବା ଡିଜାଇନରେ ୨୪୦୦ବର୍ଗ ମିଟର ପରିମିତି ଏହି କୋଠା ନିର୍ମାଣ ହେବ। ଉକ୍ତ ନିର୍ମାଣ ପାଇଁ ୭.୨୦କୋଟି ଟଙ୍କା ବ୍ୟୟ ବରାଦ

## ଶ୍ରେଣୀ ଗୃହ ପାଇଁ ୭.୨୦କୋଟି ଟଙ୍କା ମଞ୍ଜୁର

କରାଯାଇଛି । ଏଥି ସକାଶେ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଉକ୍ତ ଉତ୍ସବରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ, କୋରେଇ ବିଧାୟକ ଅଶୋକ କୁମାର ବଳ, ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ, ପୂର୍ତ୍ତ ବିଭାଗ, ପାଣିକୋଇଲିର ଅଧୀକ୍ଷଣ ଯନ୍ତ୍ରୀ ଅରୁପ ପଟ୍ଟନାୟକ, ଜିଲାପରିଷଦ ସଦସ୍ୟ ମମତା ଖୁଣ୍ଟିଆ, ଶଶୀରେଖା ପୃଷ୍ଟି, ସହକାରୀ ଯନ୍ତ୍ରୀ କାମେଶ୍ୱର ବେହେରା, ନରେନ କୁମାର ଜେନା, ସରପଞ୍ଚ ହୃଦାନନ୍ଦ ସାହୁ, ଯୁବନେତା ମନୋଜ ରାଉତ, ରଶ୍ମିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଫଳକ ଉନ୍ମୋଚନ କରିଥିଲେ।

# ଟ୍ରକ-କାର ଧକ୍କା, ୨ ଆହତ

**ପାଣିକୋଇଲି,୨।୫(ଡି.ଏନ.ଏ.)**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ପଥରପଦା ଗ୍ରାମ ନିକଟସ୍ଥ ପୋଲ ଉପରେ କାର ପଛକୁ ଏକ ଟ୍ରକ ଧକ୍କା ଦେବାରୁ ଚାଳକ ସମେତ ୨ ଯାତ୍ରୀ ଆହତ ହୋଇଛନ୍ତି । ଆହତ ଦ୍ୱୟ ହେଲେ ପ୍ରମୋଦ ପରିଡ଼ା ଓ ମାୟାଧର ସାହୁ। ଖବର ପାଇ ପେଟ୍ରୋଲିଂ ସବଇନ୍ସପେକ୍ଟର ଅଶୋକ କୁମାର ବଳ ପହଞ୍ଚି ଆହତଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ଆମ୍ବୁଲାନ୍ସରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ପାଣିକୋଇଲି ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଜବତ କରିଛି। ଆଇଡିଏଫ୍‌ସି ବ୍ୟାଙ୍କର କର୍ମଚାରୀ ପ୍ରମୋଦ ଓ ମାୟାଧର ଏକ କାର (ନଂ.ଓଡି୦୨ବିଏକ୍ସ୦୧୯୧) ଭଦ୍ରକରୁ କଟକ ଅଭିମୁଖେ ଯାଉଥିବା ବେଳେ ସେହିଦିଗରୁ ଆସୁଥିବା ଏକ ଟ୍ରକ (ନଂ.ଓଆର୨୨ଡି ୮୧୧୫) କାର ପଛକୁ ଧକ୍କା ଦେଇଥିଲା।

# ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରମିକ ଦିବସ ପାଳିତ

## ଜିଲା ସାମ୍ବାଦିକ ୟୁନିୟନ

**ରସୁଲପୁର,୨।୫(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ପହଁଗା ପଞ୍ଚାୟତ ପାଇକସାହିଠାରେ ଯାଜପୁର ଜିଲା ସାମ୍ବାଦିକ ୟୁନିୟନ ଆନୁକୂଲ୍ୟରେ ରସୁଲପୁର ପ୍ରେସ୍ ଫୋରମ ପକ୍ଷରୁ ରବିବାର ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଫୋରମର ସଭାପତି ବିଶ୍ୱଜ୍ୟୋତି ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଖବରଦାତାମାନେ ବିଶ୍ୱ ଶ୍ରମିକ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଉଛି। ମାତ୍ର ସରକାରଙ୍କ ପକ୍ଷରୁ ଶ୍ରମିକମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ ପ୍ରତିନିଧିମାନଙ୍କୁ ମିଳୁନାହିଁ। ଜଣେ ପଞ୍ଜିକୃତ ଶ୍ରମିକ କାର୍ଯ୍ୟକ୍ଷେତ୍ରରେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ କିମ୍ବା ପ୍ରାଣ ହରାଇଲେ ସେମାନଙ୍କୁ କ୍ଷତିପୂରଣ ମିଳୁଛି। ହେଲେ ଖବରଦାତାମାନଙ୍କୁ କାହିଁକି ନୁହେଁ ବୋଲି ବକ୍ତାମାନେ ପ୍ରଶ୍ନ କରିବା ସହ ସାମ୍ବାଦିକ ପେନସନ ଯୋଜନା, ସୁରକ୍ଷା ଆଇନ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଉପରେ ତ୍ୱରିତ ପଦକ୍ଷେପ ନେବାକୁ ସରକାରଙ୍କୁ ନିବେଦନ କରିଥିଲେ । ଏହି ସଭାରେ ଫୋରମର ସାଧାରଣ ସମ୍ପାଦକ ଜଗମୋହନ ରାଉତ, ଉପ-ସଭାପତି ଯଜ୍ଞଦତ୍ତ ତ୍ରିପାଠୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ସହ-ସମ୍ପାଦିକା ସୁଜାତା ଦାସ, ବିଶ୍ୱଜିତ୍ ନାୟକ, ପ୍ରକାଶ ଚନ୍ଦ୍ର ସାହୁ, ସିଦ୍ଧାର୍ଥ ମହାନ୍ତି, ଧନେଶ୍ୱର ପରିଡା, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ସିଆଇଟିୟୁ, ଟୋଲ ପ୍ଲାଜା କର୍ମଚାରୀ ସଂଘ



ଶ୍ରମିକ ଦିବସ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

**ପାଣିକୋଇଲି,୨।୫(ଡି.ଏନ.ଏ.)**

ସିଆଇଟିୟୁ ପକ୍ଷରୁ ଭୁବନେଶ୍ୱରପୁର ପକ୍ଷରୁ ସାମ୍ୟଭବନ ପରିସରରେ ମଇ ଦିବସ ପାଳିତ ହୋଇଛି। ଏହି ଅବସରରେ ସିଆଇଟିୟୁ ଯାଜପୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକ ଲାଲା ପତାକା ଉତ୍ତୋଳନ କରିବା ସହ ଶହୀଦ ବେଦୀରେ ମାଲ୍ୟାର୍ପଣ କରିଥିଲେ । ଓଡିଶା କନଷ୍ଟ୍ରକଶନ ୱାର୍କସ ୟୁନିୟନର ଜିଲା ସଭାପତି ସୁରେଶ ସାହୁଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପ୍ରଫୁଲ୍ଲ ନାୟକ, ସିଆଇଟିୟୁ ଜିଲା ସମ୍ପାଦକ ଡା. ନିର୍ମଳ ରଥ, ଅଖିଳ ଭାରତ କୃଷକ ସଭାର ଜିଲା ସଭାପତି ଗଣେଶ ସାହୁ ପ୍ରମୁଖ ଯୋଗଦେଇ ଉକ୍ତ ଦିବସ ଓ ସାଂପ୍ରତିକ ପରିସ୍ଥିତିରେ ଶ୍ରମିକମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାଥି ବନୋଜ ଓଝା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଏକ ବାଇକ୍ ଶୋଭାଯାତ୍ରା ସାମ୍ୟ ଭବନରୁ ବାହାରି ପାଣିକୋଇଲି ବଜାରରେ ଶେଷ ହୋଇଥିଲା। ମାଧବ କୁଣ୍ଟି, ସୁବ୍ରତ ଜେନା, ପ୍ରତ୍ୟୁଷ ସାହୁ, ବ୍ରହ୍ମାନନ୍ଦ ବାରିକ, ଅଭୟ ଓଝା, ପଞ୍ଚାନନ ସାହୁ, ମଦନ ମୁଦୁଲି, ବନମାଳୀ ଭୂତିଆ, ଚନ୍ଦ୍ରମଣି ପଢିଆରୀ, ଶୁକଦେବ ମାଝି, ବିଜୟ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ସେହିପରି ଜାତୀୟ ରାଜପଥ ଟୋଲ ପ୍ଲାଜା କର୍ମଚାରୀ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଶ୍ରମମିକ ଦିବସ ପାଳିତ ହୋଇଛି । ସଙ୍ଘର ସଭାପତି ଚନ୍ଦ୍ରକାନ୍ତ ଖଣ୍ଡାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଧରଣୀଧର ଘଡାଇ, ବରିଷ୍ଠ ନେତା ଅଦ୍ୱୈତ୍ୟ ଚରଣ ଦାଶ, ଉପଦେଷ୍ଟା ସୂର୍ଯ୍ୟମଣି ପଣ୍ଡା, ନୃସିଂହ ଚରଣ ମହାପାତ୍ର, ଗୋଳେଇପୁର ସରପଞ୍ଚ ସ୍ମିତା ମାଝି, ସମିତିସଭ୍ୟା ପ୍ରତିନିଧି ଶଶୀକାନ୍ତ ମାଝି, ସମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ, ସମବାୟ ସମିତି ସମ୍ପାଦକ ସୁଦର୍ଶନ ପରିଡା, ଟୋଲପ୍ଲାଜା ମ୍ୟାନେଜର ସନ୍ତୋଷ ମିଶ୍ର ଅତିଥିଭାବେ ଯୋଗଦେଇଥିବା ବେଳେ କୋଷାଧ୍ୟକ୍ଷ ବୃନ୍ଦାବନ ପଣ୍ଡା ଅତିଥି ପରିଚୟ ଓ ଉପସଭାପତି ଅଜୟ କୁମାର ମଳିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ସମ୍ପାଦକ ବିବେକାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ବିଜୟ କୁମାର ଦାସ, ଚକ୍ରଧର ଓଝା, ପଙ୍କଜ ବିଦ୍ୟାଧର ସାମଲ, ସନ୍ତୋଷ ଦାସ, ଅମୁଲ୍ୟ ସାହୁ, ଚିତ୍ତରଞ୍ଜନ ଦାସ, ଶାନ୍ତନୁ ବାରିକ, ଶୁଭ୍ରକାନ୍ତ ପରିଡା, ପ୍ରଭାକର ସାହୁ, ରବିନ୍ଦ୍ର ସାହୁ, ବିପିନ ବିହାରୀ ସ୍ୱାଇଁ, ଅରୁଣ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଳିଙ୍ଗନଗର ମଜଦୁର ୟୁନିୟନ

**କଳିଙ୍ଗନଗର,୨।୫(ଡି.ଏନ୍.ଏ.)**

ଦାନଗଦି ଭବନଠାରେ କଳିଙ୍ଗନଗର ମଜଦୁର ୟୁନିୟନ ପକ୍ଷରୁ ରବିବାର ଅପରାହ୍ନରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ୟୁନିୟନ ସମ୍ପାଦକ ଆଜାର ଅହମ୍ମଦ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସୁକିନ୍ଦା ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡାଇ ଯୋଗଦେଇ ଦେଶ ନିର୍ମାଣରେ ଶ୍ରମିକମାନେ ନିଜକୁ ସମର୍ପିତ କରିଛନ୍ତି। ଉନ୍ନତ ଦେଶ ତଥା ରାଜ୍ୟ ଗଠନ ପାଇଁ ଶ୍ରମିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶ୍ରମିକମାନଙ୍କ ଦାବିକୁ ସବୁବେଳେ ଗୁରୁତ୍ୱ ଦିଆଯାଉଥିବା ସହ ସେମାନଙ୍କ ଜୀବନଜୀବିକା ପ୍ରତି ମଧ୍ୟ ଆମ ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି । ଶିଳ୍ପର ଉନ୍ନତି ହେଲେ ଦେଶ ତଥା ରାଜ୍ୟର ଉନ୍ନତି ଘଟିବ ବୋଲି ବିଧାୟକ ଘଡାଇ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ,ଉପାଧକ୍ଷ ଅଜୟ କୁମାର ବିନ୍ଧାଣି, ଜିଲା ପରିଷଦ ସଭ୍ୟା ସ୍ମୃତିରାଣୀ ରାଉତ, ଟିନା ହାଇବୃ, ସୁଚିତ୍ରା ବିଶ୍ୱାଳ,ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବିଭିନ୍ନ କାରଖାନାରେ କାମ କରୁଥିବା କେତେଜଣ ଦକ୍ଷ ଶ୍ରମିକଙ୍କୁ ପୁଷ୍ପ ଗୁଚ୍ଛ ଓ ଉପହାର ପ୍ରଦାନ କରିଥିଲେ। ଏହି ସଭାରେ ବହୁ ଶ୍ରମିକ ଯୋଗ ଦେଇଥିଲେ।

# ଗ୍ରାମ୍ୟ ଉନ୍ନୟନ ରାସ୍ତା ଶିଳାନ୍ୟାସ

**ରସୁଲପୁର,୨।୫(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ଗ୍ରାମ୍ୟ ଉନ୍ନୟନ ସେକ୍ସନ ଅଧୀନ ଓଡିଶୋ ପଞ୍ଚାୟତ ହାଟସିଂହାରପୁର ତାରିଣୀ ଛକଠାରୁ ଭାୟା ଶରବଣା-ଦନେଇପୁରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉନ୍ନତିକରଣ ପାଇଁ ୬.୭୩କୋଟି ଟଙ୍କା


ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

## ୬.୭୩କୋଟି ଟଙ୍କା ଖର୍ଚ୍ଚ ହେବ

ବ୍ୟୟ ବରାଦ କରାଯାଇଛି । ଉକ୍ତ ରାସ୍ତାର ଶିଳାନ୍ୟାସ ସୋମବାର ହୋଇଛି । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ, ସମ୍ମାନିତ ଅତିଥି ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିଶ୍ୱନାଥ ମାରାଣ୍ଡି, ସହକାରୀ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣା, ଜିଲାପରିଷଦ ସଦସ୍ୟା ମମତା ଖୁଣ୍ଟିଆ, ଶଶୀରେଖା ପୃଷ୍ଟି, ହୃଦାନନ୍ଦ ସାହୁ, ଯୁବନେତା ମନୋଜ ରାଉତ, ରଶ୍ମୀରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଫଳକ ଉନ୍ମୋଚନ କରିଥିଲେ। ମଞ୍ଜୁର ଅର୍ଥରେ ୮କି.ମି.ଦୀର୍ଘ ୨୪ ଫୁଟ୍ ଚଉଡା ରାସ୍ତା ମଧ୍ୟରୁ ୩.୭୨୧କି.ମି.ରାସ୍ତା ପିଚୁ ଓ ୪.୨୭୯ରାସ୍ତା ଢଲେଇ କରାଯିବ। ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚଳିତ ସପ୍ତାହରୁ ଆରମ୍ଭ ହୋଇ ୧ବର୍ଷ ଅବଧି ମଧ୍ୟରେ ଶେଷ ହେବାକୁ ସମୟ ଧାର୍ଯ୍ୟ କରାଯାଇଛି।

# ଅଣପଞ୍ଜୀକୃତ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଅଙ୍କୁଶ ଲାଗୁ

**ପାଣିକୋଇଲି,୨।୫(ଡି.ଏନ.ଏ.)**

ଯାଜପୁର ଜିଲା ବୈଦ୍ୟୁତିକ ଗଣମାଧ୍ୟମ ସଂଘ ପକ୍ଷରୁ ସୋମବାର ଯାଜପୁର ଏସ୍‌ପି ରାହୁଲ ପିଆରଙ୍କୁ ଭେଟି ଜିଲାରେ ଅଣ ପଞ୍ଜିକୃତ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଦାବିପତ୍ର ପ୍ରଦାନ କରିଛନ୍ତି । ବିଭିନ୍ନ ସମୟରେ ଅଣ ପଞ୍ଜିକୃତ ଗଣମାଧ୍ୟମ ପ୍ରତିନିଧିମାନେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପ୍ରବେଶ କରି ଅଧିକାରୀ ଓ କର୍ମଚାରୀମାନଙ୍କୁ ଧମକ ଦେବା ସହ ବ୍ଲାକମେଲ କରିବାର ଅଭିଯୋଗ ଆସୁଛି । ଏପରି କି ପୂର୍ବରୁ ହତ୍ୟା, ଅପହରଣ, ଚୋରି, ଡକାୟତ ଭଳି ଏକାଧିକ ମାମଲାରେ ସମ୍ପୃକ୍ତ ଥିବା ବ୍ୟକ୍ତି ହାତରେ ବୁମ୍ ଧରି ନିଜକୁ

## ବୈଦ୍ୟୁତିକ ଗଣମାଧ୍ୟମ ସଂଘ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ



ସାମ୍ବାଦିକ ପରିଚୟ ଦେଇ ଚତୁର୍ଥସ୍ତମ୍ଭର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଛନ୍ତି । ଏଭଳି ଅଣ ପଞ୍ଜିକୃତ ପ୍ରତିନିଧିଙ୍କ କାର୍ଯ୍ୟକଳାପକୁ ଜିଲା ବୈଦ୍ୟୁତିକ ଗଣମାଧ୍ୟମ ସଂଘ ଦୃଢ ବିରୋଧ କରୁଛି । ଏପରି କି ଜିଲା ପୋଲିସ ସେହି ବ୍ୟକ୍ତିମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଅଣପଞ୍ଜିକୃତ ଗଣମାଧ୍ୟମ ଉପରେ ଅଙ୍କୁଶ ଲଗାଇବାକୁ ଦାବି କରୁଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ଗଣମାଧ୍ୟମ ସଂସ୍ଥା ବା ପ୍ରତିନିଧି ଖବର ସଂଗ୍ରହ କରିବା ପାଇଁ ସୁଯୋଗ ଦିଆଯିବାକୁ ଦାବି ହୋଇଛି। ଏନେଇ ପ୍ରିୟରଞ୍ଜନ କର, ଅବିନେଶ୍ୱର ଶତପଥୀ, ସନ୍ଦୀପ୍ତ ରାୟ, ପ୍ରକାଶ ରାଉତ, ଦେବାଶିଷ ସାହୁ, ବିଜୟ ସାହୁ, ବିଶ୍ୱଜିତ କର, ହିମାଂଶୁ କୁମାର ପାଢୀ, ସୁରେନ୍ଦ୍ର ସାମଲ, ସନ୍ତୋଷ କୁମାର ସାହୁ, ଜ୍ଞାନ ରଞ୍ଜନ ଓଝା, ପରମେଶ୍ୱର ବେଉରିଆ, ଜନ୍ମେଜୟ ଦାଶ, ସମରେନ୍ଦ୍ର ମହଲା ପ୍ରମୁଖ ଏସ୍‌ପିଙ୍କୁ ଅବଗତ କରିଛନ୍ତି। ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ନଜରକୁ ଆଣିଲେ ପୋଲିସ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

# ଟ୍ରକ ପଛରେ ପିଟି ହେଲା ଆମ୍ବୁଲାନ୍ସ, ୩ ମୃତ

- ୨ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର
- ରୋଗୀ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ଆସିଲା

ଚଣ୍ଡିଖୋଲ,୨।୫(ଡି.ଏନ.ଏ.)

୧୬ନଂ.ଜାତୀୟ ରାଜପଥର ବଡ଼ଚଣା ଥାନା ଅଧୀନ ଚଣ୍ଡିଖୋଲ-ବଡ଼ଚଣା ମଧ୍ୟ ଭାଗରେ ଶନିବାର ବିଳମ୍ବିତ ରାତିରେ ଏକ ୧୦୮ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରକ ପଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ଜଣଙ୍କ ମୃତ୍ୟୁ ଘଟିଛି। ୨ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଆମ୍ବୁଲାନ୍ସରେ ଥିବା ରୋଗୀ ବାଲେଶ୍ୱର ଜିଲା ଭୋଗରାଇ ଥାନା ଅନ୍ତର୍ଗତ ନାରାୟଣ ପଡ଼ିଆ ଗ୍ରାମର ଗୀତାଞ୍ଜଳି ପ୍ରଧାନ (୪୨), ଗାଡ଼ିର ଚାଳକ ଭାସ୍କର ସାହୁ (୪୨) ଓ ଫାର୍ମାସିଷ୍ଟ ହେମନ୍ତ କୁମାର ବଦି (୨୬)। ଆହତମାନେ ହେଲେ ମୃତ ଗୀତାଞ୍ଜଳିଙ୍କ ସ୍ୱାମୀ ଶିବ ଶଙ୍କର ପ୍ରଧାନ ଓ ହେଲପର ପ୍ରଦୀପ ନାଇକ ।

ସୂଚନା ଅନୁଯାୟୀ, ଏକ ସିମେଣ୍ଟ ବୋଝେଇ ୧୦ଚକିଆ ଟ୍ରକ ଶନିବାର ରାତିରେ ଅଚଳ ହୋଇ ଜାତୀୟ ରାଜପଥ ଉପରେ ଠିଆ ହୋଇଥିଲା। ଏହି ସମୟରେ ଭୋଗରାଇରୁ ରୋଗୀ ନେଇ ଆସୁଥିବା ଆମ୍ବୁଲାନ୍ସ ଦ୍ରୁତଗତିରେ ଆସି ସେହି ଟ୍ରକ ପଛରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ଘଟିଥିଲା । ରାତି ପ୍ରାୟ ୨ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଖବର ପାଇ ବଡ଼ଚଣା ଥାନା ଓ ଚଣ୍ଡିଖୋଲ ଫାଣ୍ଡି ପୋଲିସ ପହଞ୍ଚି ଅଗ୍ନିଶମବାହିନୀ ସହାୟତାରେ କଟର ମେଶିନ୍‌ରେ ଆମ୍ବୁଲାନ୍ସ କାଟି ସେଥିରୁ ମୃତକ ଓ ଆହତମାନଙ୍କୁ ଉଦ୍ଧାର କରିଥିଲେ। ସମସ୍ତଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ୩ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ବଡ଼ଚଣା ପୋଲିସ୍ ଉଭୟ ଗାଡ଼ିକୁ ଜବତ କରିଛି।


ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ।

# ମେସ୍କୋ କାରଖାନା ଶ୍ରମିକ, କର୍ମଚାରୀ କଳା ଦିବସ ପାଳିଲେ

କଳିଙ୍ଗନଗର,୨।୫(ଡି.ଏନ୍.ଏ.)

ମେସ୍କୋ ଷ୍ଟିଲ କାରଖାନାରେ ଶ୍ରମିକ ଦିବସକୁ ଶ୍ରମିକ ଓ କର୍ମଚାରୀମାନେ କଳାଦିବସ ରୂପ ପାଳନ କରିଛନ୍ତି। ଦୀର୍ଘ ୨୬ ମାସ ଧରି କାରଖାନାରୁ ଉତ୍ପାଦନ ବନ୍ଦ ରଖି କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷ ସରକାରଙ୍କ ଭୁଲ ନିଷ୍ପତ୍ତିର ଆଳ ଦେଖାଇ ନିରିହ ଶ୍ରମିକ ଓ କର୍ମଚାରୀମାନଙ୍କୁ କଷ୍ଟ ଦେଇ ଚାଲିଛନ୍ତି । ନିଜର ପରିବାର ପ୍ରତିପୋଷଣ କରିବା ପାଇଁ ସେମାନେ ଚିନ୍ତାରେ ଅଛନ୍ତି । ଏହାକୁ ବିରୋଧ କରି ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କ ନିଷ୍ପତ୍ତି ଅନୁଯାୟୀ ଶ୍ରମିକ ଦିବସକୁ କଳାଦିବସ ରୂପେ ପାଳନ କରାଯାଇଥିଲା। ରବିବାର ସକାଳ ୧୦ଟାରେ ମେସ୍କୋ ମୁଖ୍ୟ ଫାଟକଠାରେ ସମସ୍ତ କର୍ମଚାରୀ ଓ ଶ୍ରମିକ କଳା କପଡା ହାତରେ ବାନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସଭାପତି ମହମ୍ମଦ ଜାହେଦଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରମିକ ନରେନ୍ଦ୍ର ସାମଲ,ରମେଶ ପୋହି,ବିଶ୍ୱନାଥ ପାତ୍ର,ଦିଲ୍ଲୀପ କୁମାର ଦଳାଇ, ରାଜେଶ ଜେନା,ସରୋଜ ମହାନ୍ତି, କରିବକ୍ସ, ରବିନ୍ଦ୍ର ସାହୁ, ଉଗ୍ରସେନ ପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

# ବେଆଇନ କଳାପଥର ପରିବହନ, ଟ୍ରାକ୍ଟର ମାଲିକ ଗିରଫ

ଧର୍ମଶାଳା,୨।୫(ଡି.ଏନ୍.ଏ.)

ଧର୍ମଶାଳା ତହସିଲ ଜେନାପୁର ଥାନା ବାଘୁଆ ଛକରୁ ବେଆଇନ ଭାବେ ପରିବହନ କରୁଥିବା କଳାପଥର ବୋଝେଇ ଟ୍ରାକ୍ଟର ଜବତ ଓ ଡ୍ରାଇଭର ଗିରଫ ଘଟଣାର ୧ ମାସ ପରେ ପୋଲିସ ଟ୍ରାକ୍ଟର ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗହଣା ଗ୍ରାମର ସୂର୍ଯ୍ୟମଣି ସିଂହ। ରବିବାର ତାଙ୍କୁ ପୋଲିସ ଗିରଫ କରିଥିଲା। ଏହି ଘଟଣାରେ ପୋଲିସ ଡ୍ରାଇଭର ପ୍ରଫୁଲ୍ଲ ମଲିକ (୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏକ ସଂକ୍ରାନ୍ତରେ ଏକ ମାମଲା(ନଂ.୮୫/୨୨) ରୁଜୁ କରାଯାଇଥିଲା।


## ଶ୍ରୀ ଜୟଦେବ ଜୟନ୍ତୀ
### ୩ ମଇ ୨୦୨୨ (ଅକ୍ଷୟ ତୃତୀୟା)

DADLS-19

ଦେବଭୂମି ଉତ୍କଳର କେନ୍ଦୁବିଲ୍ୱ ଶାସନରେ ଜନ୍ମିତ ମହାକବି ଜୟଦେବ ଜଣେ କାଳଜୟୀ ସ୍ରଷ୍ଟା ଭାବେ ବିଶ୍ୱବିଦିତ । ତାଙ୍କ ରଚିତ କାବ୍ୟ 'ଶ୍ରୀ ଗୀତଗୋବିନ୍ଦ' ଭାରତୀୟ ସଂସ୍କୃତ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ଗ୍ରନ୍ଥ । ଗୀତଗୋବିନ୍ଦର କୋମଳକାନ୍ତ ପଦାବଳୀ ଶତାବ୍ଦୀ ଶତାବ୍ଦୀ ଧରି ଆମର ଆଧ୍ୟାତ୍ମିକ ଚେତନାକୁ ଉଦ୍‌ବୁଦ୍ଧ କରି ଆସିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ଭକ୍ତକବି ଜୟଦେବ ଏହି ଦୁର୍ଲ୍ଲଭ କାବ୍ୟ ଗ୍ରନ୍ଥ ରଚନା କରିବାକୁ ସମର୍ଥ ହୋଇଥିଲେ । ଏ ସମ୍ପର୍କରେ ବହୁ ଅଲୌକିକ କାହାଣୀ, କିମ୍ବଦନ୍ତୀ, ପ୍ରଥା ଓ ପରମ୍ପରା ଯୁଗଯୁଗ ଧରି ଉତ୍କଳୀୟ ଜନମାନସକୁ ଆଚ୍ଛନ୍ନ କରି ରଖିଛି ।

୩ ମଇ, ୨୦୨୨ (ଅକ୍ଷୟ ତୃତୀୟା)ରେ ଜୟଦେବ ଜୟନ୍ତୀ ପାଳନ ଅବସରରେ ଓଡ଼ିଆ ଜାତିର ଗର୍ବ ଓ ଗୌରବ ଶ୍ରୀ ଗୀତଗୋବିନ୍ଦର ରଚୟିତା ବ୍ୟାସାବତାର ମହାକବି ଶ୍ରୀ ଜୟଦେବଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/13/0036/2223


## ସଂକ୍ଷେପରେ

### ନିର୍ବନ୍ଧ ଭୋଜି ଖାଇ ୫୦ ଅସୁସ୍ଥ

ଚଣ୍ଡିଖୋଲ,୨।୫(ଡି.ଏନ.ଏ.): ବଡଚଣା ବ୍ଲକ ଅନ୍ତର୍ଗତ ଶାଳପଡା ପଞ୍ଚାୟତ ଅଧୀନ ଝାଟିଆପଡା ଗ୍ରାମରେ ସୋମବାର ନିର୍ବନ୍ଧ ଭୋଜି ଖାଇ ୫୦ ଗ୍ରାମବାସୀ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସମସ୍ତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ସେହି ଗ୍ରାମର ବାସୁ ରାଉତଙ୍କ ପୁଅ ନିର୍ବନ୍ଧ ରବିବାର ଥିଲା । ଏହି ଅବସରରେ ରବିବାର ରାତିରେ ଭୋଜିର ଆୟୋଜନ କରାଯାଇଥିଲା । ଗ୍ରାମବାସୀ ଭୋଜି ଖାଇଥିଲେ । ହେଲେ ଭୋଜି ସରିବାର କିଛି ସମୟ ପରେ ଜଣେ ପରେ ଜଣେ ଅସୁସ୍ଥ ହୋଇପଡିଥିଲେ। ସେମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାରୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଚିକିତ୍ସା ହେବା ପରେ ସମସ୍ତେ ସୁସ୍ଥ ଥିବା ଡ଼ାକ୍ତର ସୂଚନା ଦେଇଛନ୍ତି । ଖାଦ୍ୟ ପ୍ରସ୍ତୁତିରେ କୌଣସି ତ୍ରୁଟି ଯୋଗୁ ଏଭଳି ଘଟଣା ଘଟିଥିବା ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରଶ୍ମି ରଞ୍ଜନ ପଶାୟତ କହିଛନ୍ତି ।

### ଘର ତାଲା ଭାଙ୍ଗି ସୁନା, ଟଙ୍କା ଲୁଟ୍

ଚଣ୍ଡିଖୋଲ,୨।୫(ଡି.ଏନ.ଏ.): ବଡ଼ଚଣା ଥାନା ଅଧୀନ ଚଣ୍ଡିତଳ ପଞ୍ଚାୟତ ବାତୋ ଗ୍ରାମରେ ରବିବାର ବିଳମ୍ବିତ ରାତ୍ରିରେ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ସୋମବାର ବଡ଼ଚଣା ଥାନାରେ ବାତୋ ଗ୍ରାମର ମୁରାନ୍ ଖାନ୍ ଲିଖିତ ଅଭିଯୋଗ କରିଛନ୍ତି। ଅଧିକ ଗରମ ହେବାରୁ ମୁରାନ୍ ଖାନ୍ କୋଠାଘରେ ତାଲା ପକାଇ ଚାଳଘରେ ସପରିବାରେ ଶୋଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ଘର ତାଲା ଭାଙ୍ଗି ତାଙ୍କ ଆଲମିରା ଲକରରେ ଥିବା ୩ ସୁନା ହାର, ୮ମୁଦି, ୩ ଚେନ୍ ୩ କାନଫୁଲ ସହିତ ରୁପା ଅଳଙ୍କାର ଚୋରି କରି ନେଇଥିବା ମୁରାନ୍ ଅଭିଯୋଗ କରିଛନ୍ତି।

### ଖଣି ଅଞ୍ଚଳରେ ଶ୍ରମିକ ସଂଘ ଶ୍ରମିକ ଦିବସ ପାଳିଲେ

କାଳିଆପାଣି,୨।୫(ଡି.ଏନ.ଏ.):ସୁକିନ୍ଦା ଖଣି ଅଞ୍ଚଳରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି । କାଳିଆପାଣି ଶ୍ରମିକ ସଂଘ ଗୃହରେ ଅନୁଷ୍ଠିତ ସଭାରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର ସଭାପତିତ୍ୱ କରିଥିଲେ । ସଂଘର ସଭାପତି ଇଂ. ପ୍ରୀତିରଞ୍ଜନ ଘଡାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଖଣି ଅଞ୍ଚଳର ବିଭିନ୍ନ ଖଣିରୁ ୫ ଜଣଙ୍କୁ ଶ୍ରମିକଙ୍କୁ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା ଉପସଭାପତି ପ୍ରଭାତ ରଞ୍ଜନ ପ୍ରଧାନ କରିଥିବା ବେଳେ ସହ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘର ବାର୍ଷିକୋତ୍ସବ

ଚଣ୍ଡିଖୋଲ,୨।୫(ଡି.ଏନ.ଏ.)

ସମାଜ ବିକାଶ କର୍ମଜିବୀ ଶ୍ରମିକ ସଂଘର ବାର୍ଷିକ ଉତ୍ସବ ଓ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନୃସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇ ସରକାର ଶ୍ରମିକମାନଙ୍କ ପାଇଁ ମଜୁରୀ ହାର ଅଲଗା ଅଲଗା ପ୍ରଣୟନ କରି ଶ୍ରମିକ ସଂଗଠନ ମାନଙ୍କୁ ଖଣ୍ଡବିଖଣ୍ଡିତ କରି ରଖିଛନ୍ତି। ୧୮୮୫ରୁ ସାରା ବିଶ୍ୱରେ ଶ୍ରମିକମାନଙ୍କ ନିମନ୍ତେ ସାମାଜିକ ନିରାପତ୍ତା ବ୍ୟବସ୍ଥା ଲାଗୁ ହୋଇଥିଲା ବେଳେ ଓଡ଼ିଶାରେ ଏ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ କରାଯାଇନାହିଁ। ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ବୟସ୍କ ବ୍ୟକ୍ତିଙ୍କୁ ୨୨୫୦ଟଙ୍କା ଭତ୍ତା ପ୍ରଦାନ କରାଯାଉଥିବା ବେଳେ ତେଲେଙ୍ଗାନାରେ ଏହା ୨୦୦୦ଟଙ୍କା ପ୍ରଦାନ କରାଯାଉଛି। କିନ୍ତୁ ଦୁଃଖର କଥା ଆମ ରାଜ୍ୟରେ ମାତ୍ର ୫୦୦ଟଙ୍କା ପ୍ରଦାନ କରାଯାଉଛି ବୋଲି କହିଥିଲେ । ଏହି ଅବସରରେ କଳିଙ୍ଗ ପ୍ରଭାର ସମ୍ପାଦକ ପ୍ରଦୀପ୍ତ କୁମାର ପରିଡା, ବରିଷ୍ଠ ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି, ସାଧନାର ସ୍ୱରୂପ ପତ୍ରିକାର ସମ୍ପାଦକ ଦେବବ୍ରତ ଦେବତା, ଶ୍ରମିକ ମନୋଜ ମହାରଣା, ରବିନ୍ଦ୍ର କୁମାର ମଣ୍ଡଳ, କୈଳାସ ପରିଡ଼ା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନର ସମ୍ପାଦକ ରମେଶ ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ୱାଗତ ଭାଷଣ ଦେଇଥିଲେ ରାଜେଶ ଜେନା। ଧନ୍ୟବାଦ ପ୍ରଦାନ କରିଥିଲେ ପ୍ରଶାନ୍ତ ମଲ୍ଲିକ। ଏଥିରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଶ୍ରମିକ ନେତା ରବୀନ୍ଦ୍ର ଦାଶ, ନାରାୟଣ ନାୟ. ରବୀନ୍ଦ୍ର ଦୀପ, କୀର୍ତ୍ତନ ଚରଣ ମଲ୍ଲିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂଆପଡ଼ା ଜିଲାର ଯୁବରାଜ ଜାଲ, ବଲାଙ୍ଗୀରର ବିଦ୍ୟାଧର ସୁନା, କଳାହାଣ୍ଡିର ସିବିକା ନାଗ ପ୍ରମୁଖ ଯୋଗଦେଇ ସେମାନଙ୍କ ଜିଲ୍ଲାର ସମସ୍ୟା ଉପସ୍ଥାପନ କରିଥିଲେ।

# ଧର୍ମଶାଳା ପ୍ରେସ୍‌କ୍ଲବ୍ ପକ୍ଷରୁ ଶ୍ରମିକ ଦିବସ

ଧର୍ମଶାଳା,୨।୫(ଡି.ଏନ୍.ଏ.)

ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ଜାରକାସ୍ଥିତ କାର୍ଯ୍ୟାଳୟରେ ରବିବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ପ୍ରେସ କ୍ଲବ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ମହେଶ୍ୱର ବଳ ଯୋଗଦେଇ ଶ୍ରମିକ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, ଉପଦେଷ୍ଟା ବଟକୃଷ୍ଣ ପରିଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ସହ ସମ୍ପାଦକ ମାନସ ରଞ୍ଜନ ଜେନା, ସଭ୍ୟ ବିନୋଦ ବିହାରୀ ପରିଡା ଉଦ୍‌ବୋଧନ ଦେଇଥିଲେ। ଉପସଭାପତି ସୀତାକାନ୍ତ ସାମଲ, ବିବେକାନନ୍ଦ ରାୟ, ସବ୍ୟସାଚୀ ବେହେରା, କପିଳେନ୍ଦ୍ର ରାଉତ, ଅନୀଲ ନାୟକ, ସୁବ୍ରତ ଜେନା, ଗିରିଧାରୀ ବେହେରା, ବିକ୍ରମ ମହାନ୍ତି, ବିନୋଦ ସାହୁ, ରଶ୍ମୀରଞ୍ଜନ ରାୟ, କିଶୋର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷାରେ ନିୟୋଜିତ ହେବେ ହୋମଗାର୍ଡ

## ୮୦ଜଣଙ୍କ ନିଯୁକ୍ତି ପ୍ରସ୍ତାବକୁ ମଞ୍ଜୁର

ଯାଜପୁର ଅଫିସ,୨।୫

ରାଜ୍ୟର ବିଭିନ୍ନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ରେ କନଷ୍ଟେବଳ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ୮୦ ଜଣ ହୋମଗାର୍ଡ ସଡକ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହେବେ। କଟକ ପରିବହନ ଆୟୁକ୍ତ (ଟ୍ରାନ୍ସପୋର୍ଟ କମିଶନର)ଙ୍କ ଏହି ପ୍ରସ୍ତାବକୁ ବାଣିଜ୍ୟ ଓ ପରିବହନ ବିଭାଗର ଯୁଗ୍ମ ସଚିବ କିଶୋର ଚନ୍ଦ୍ର ଦାସ ଗତ ୩୦ ତାରିଖରେ ମଞ୍ଜୁର କରିଛନ୍ତି। ଏହାସହ ହୋମଗାର୍ଡ ନିଯୁକ୍ତିରେ ହେବାକୁ ଥିବା ଖର୍ଚ୍ଚ ସଡକ ସୁରକ୍ଷା ପାଣ୍ଠିରୁ ବିନିଯୋଗ କରାଯିବ। ତେବେ ହୋମଗାର୍ଡମାନେ ସଡ଼କ ସୁରକ୍ଷା କାର୍ଯ୍ୟରେ କେତେଦୂର ଉପଯୋଗୀ ହୋଇପାରିବେ ତାହା ସାଧାରଣରେ ପ୍ରଶ୍ନବାସୀ ସୃଷ୍ଟି କରିଛି। ରାଜ୍ୟର ବିଭିନ୍ନ ଜାତୀୟ ରାଜପଥ ଏବଂ ରାସ୍ତାରେ ବେଆଇନ ପାର୍କିଂ ଥମିବାର ନାଁ ଧରୁ ନାହିଁ। ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଡୁବୁରୀଠାରୁ ଗୋପବନ୍ଧୁ ଛକ ମାର୍ଗ ପର୍ଯ୍ୟନ୍ତ ଏବଂ ୨୦୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଛକଠାରୁ ବେଣାପୁର ଛକ ପର୍ଯ୍ୟନ୍ତ ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଟ୍ରକ ପାର୍କିଂ ବନ୍ଦ ହେଉନାହିଁ। ଯେତେ ଅଭିଯୋଗ କଲେ ମଧ୍ୟ କେତେଜଣ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଅବହେଳା ଯୋଗୁ ଏଥିପାଇଁ ଦୁର୍ଘଟଣା ବଢିବାରେ ଲାଗିଛି ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ବିଷ୍ଣୁପଦ ସେଠୀ ଦୁର୍ଘଟଣା ଏବଂ ଦୁର୍ଘଟଣା ଜନିତ ମୃତ୍ୟୁକୁ ହ୍ରାସ କରିବାକୁ ଦୃଢ ଭାବେ ପଦକ୍ଷେପ ନେବାକୁ ରାଜ୍ୟର ସମସ୍ତ ଆରଟିଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶପତ୍ରରେ ସେ ରାଜ୍ୟରେ ଅବିଚଳ ଭାବେ ଦୁର୍ଘଟଣା ଜନିତ ମୃତ୍ୟୁହାର ବୃଦ୍ଧି ପାଉଛି ବୋଲି ଦର୍ଶାଇ ୨୦୧୪ରେ ୩୯୩୧ ଜଣ ଏବଂ ୨୦୨୧ରେ ୫୦୮୧ରେ ଜଣଙ୍କ ମୃତ୍ୟୁ ହୋଇଥିଲା ବୋଲି କହିଛନ୍ତି। ଅର୍ଥାତ ଏହି ୮ ବର୍ଷରେ ମୃତ୍ୟୁ ସଂଖ୍ୟା ୨୯%କୁ ବୃଦ୍ଧି ପାଇଛି ବୋଲି ସେ ଦର୍ଶାଇଛନ୍ତି। ୧୯।୪।୨୦୨୨ରେ ମୁଖ୍ୟ ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ଆଲୋଚନାରେ 'ସୁପ୍ରିମକୋର୍ଟ କମିଟି ଅନ୍ ରୋଡ୍ ସେଫଟି'ର ଅଧ୍ୟକ୍ଷ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶେଷକରି ଏମ୍‌ଭି ଆକ୍ଟର ଉଲ୍ଲଂଘନକୁ ଏଥିପାଇଁ ଦାୟୀ କରାଯାଇଛି। ତେଣୁ ଏହାକୁ ରୋକିବାକୁ ଏନଫୋର୍ସମେଣ୍ଟ ଅଫିସିଆଲଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗୋଟିଏ ଟ୍ରାଫିକ ଆଇନ ଉଲ୍ଲଂଘନ ଲୋକଙ୍କ ଜୀବନ ନେଉଛି। ତେଣୁ ଟ୍ରାଫିକ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କୌଣସି ସମବେଦନା ନ ଜଣାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସଚିବ ସେଠୀ ତାଙ୍କ ପତ୍ରରେ ଆହ୍ୱାନ ଦେଇଛନ୍ତି।

# ଚଣ୍ଡିଖୋଲ ପ୍ରେସ କ୍ଲବର ବାର୍ଷିକ ଉତ୍ସବ

ଚଣ୍ଡିଖୋଲ/ବଡ଼ଚଣା,୨।୫(ଡି.ଏନ.ଏ.)

ଖବରଦାତାମାନେ ହେଲେ ସମାଜର ଦର୍ପଣ ସଦୃଶ। ଶିକ୍ଷା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଦ୍‌ଜିବିତ କରିବା ସହ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଭାବରେ ଏକ ସୁସ୍ଥ ସମାଜ ଗଠନ କରିବା ଗଣମାଧ୍ୟମ ପ୍ରତିନିଧି ମାନଙ୍କର ପ୍ରଧାନ ଦାୟିତ୍ୱ ହେବା ଉଚିତ୍ ବୋଲି ପ୍ରେସ୍ କ୍ଲବ୍ ଚଣ୍ଡିଖୋଲର ୩୪ତମ ବାର୍ଷିକ ଉତ୍ସବ ଅବସରରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶନିବାର ସନ୍ଧ୍ୟାରେ ଚଣ୍ଡିଖୋଲ ସ୍ଥିତ ବିଜୁକଲ୍ୟାଣ ମଣ୍ଡପ ପରିସରରେ ପ୍ରେସ୍ କ୍ଲବ୍‌ର ସଭାପତି ପ୍ରଦୀପ୍ତ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ମୁଖ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ମୁଖ୍ୟ ବକ୍ତାଭାବେ କେନ୍ଦ୍ରାଞ୍ଚଳ ପୋଲିସ୍ ଆଇ.ଜି. ନରସିଂହ ଭୋଳ, ସମ୍ମାନିକ ଅତିଥି ଭାବେ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଖବରଦାତା ବେଣୁଧର ପଣ୍ଡା, ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ସମିତି ସଭ୍ୟା ପ୍ରମୁଖ ଯୋଗଦେଇ ସାମ୍ବାଦିକ ଓ ସାମ୍ବାଦିକତା ଉପରେ ଆଲୋଚନା କରିଥିଲେ। ପ୍ରେସ୍ କ୍ଲବର ସମ୍ପାଦକ ଦିଲିପ୍ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମରେନ୍ଦ୍ର ମାହାଲା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରସନ୍ନ କୁମାର ବିଶ୍ୱାଳ। ଏହି ଅବସରରେ ବରିଷ୍ଠ ପ୍ରଶାସକ ତଥା ଦର୍ପଣ ତହସିଲଦାର ପ୍ରଦୀପ୍ କୁମାର ସେଠୀ, ଶିକ୍ଷାବିତ୍ ଯତିନ୍ଦ୍ର କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଯାଜପୁର ଜିଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବଡ଼ଚଣା ପଂଚାୟତ ସମିତି ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର କୁମାର ନାୟକ, ସରପଂଚ ସାଗରୀକା ବିହାରିଙ୍କୁ ସମ୍ମାନିତ କରାଯାଇଥିଲା। ଧାନମଣ୍ଡଳ ସ୍ଥିତ ଉଦୀୟମାନ ସଂଗୀତ କଳା ପରିଷଦ ଦ୍ୱାରା ସ୍ୱାଗତ ସଂଗୀତ ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି ଅବସରରେ ପ୍ରେସ୍ କ୍ଲବ୍ ଚଣ୍ଡିଖୋଲ ପକ୍ଷରୁ ପ୍ରକାଶ ପାଉଥିବା ସ୍ମରଣିକା 'ପ୍ରତିନିଧି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




**ଆଜିଠୁ ଗୋରେଖନାଥ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ**

ରଘୁନାଥପୁର,(ଡି.ଏନ୍.ଏ.): ପବିତ୍ର ଅକ୍ଷୟତୃତୀୟାଠାରୁ ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥପୀଠରେ ଆଠଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହେବ। ଏହି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯଜ୍ଞ କମିଟି ପକ୍ଷରୁ ମିନାବଜାର ଓ ଅପେରା ପାର୍ଟି ପରିବେଷଣ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ବହୁ ଜନସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। କରୋନାଯୋଗୁ ଦୀର୍ଘ ଦୁଇବର୍ଷ ହେବ ଯଜ୍ଞ ଉତ୍ସବ ବନ୍ଦ ରହିବା ପରେ ଚଳିତ ବର୍ଷ ଆୟୋଜନକୁ ନେଇ ଭକ୍ତଙ୍କ ମନରେ ଉତ୍ସାହ ଦେଖାଦେଇଛି।



# ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

## ପରିବାର, ପୋକ୍ସୋ ଅଦାଲତ ପ୍ରତିଷ୍ଠା ଦାବି

କୁଜଙ୍ଗ, ୨।୫ (ଡି.ଏନ୍.ଏ.)

ସାଧାରଣ ଜନତାଙ୍କ ଦାବିକୁ ବିଚାରକରି କୁଜଙ୍ଗରେ ପରିବାର ଓ ପୋକ୍ସୋ ଅଦାଲତ ପ୍ରତିଷ୍ଠା ଦାବିରେ କୁଜଙ୍ଗ ଆଇନଜୀବୀ ସଂଘ ପକ୍ଷରୁ ଦାବି କରାଇଛି। ଏନେଇ ଆଇନଜୀବୀମାନେ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଆଇନଜୀବୀ ସଂଘ ସଭାପତି ସୁଶାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଆଇନଜୀବୀମାନେ ବିଭିନ୍ନ ଅଦାଲତ ଫାଟକ ବନ୍ଦକରି ଧାରଣା ଦେଇଥିଲେ। ଅଦାଲତ ପରିସରକୁ ସାଧାରଣ ଲୋକେ ପଶି ପାରି ନ ଥିଲେ। ବନ୍ଦ ସମ୍ପର୍କରେ ଆଇନଜୀବୀ ସଂଘର ପୂର୍ବତନ ସଭାପତି ଅମୃତ ଦାସ କହିଛନ୍ତି ପୂର୍ବରୁ ପାରିବାରିକ ମାମଲା କୁଜଙ୍ଗର ସବ୍‌ଜଜ କୋର୍ଟରେ ବିଚାର ହେଉଥିଲାବେଳେ ପୋକ୍ସୋ ସମ୍ପର୍କିତ ମାମଲା ମାସକୁ ୪ଥର ସର୍କିଟ କୋର୍ଟ ମାଧ୍ୟମରେ କୁଜଙ୍ଗରେ ବିଚାର ହେଉଥିଲା। ମାତ୍ର ଏସବୁ ମାମଲାର ଶୁଣାଣି କୁଜଙ୍ଗରେ ବନ୍ଦ କରାଯାଇ ଜଗତ୍‌ସିଂହପୁର ଅଦାଲତରେ କରାଯାଉଛି। ଫଳରେ ସାଧାରଣ ଜନତା ଓ ମହକିଲମାନେ ଜଗତ୍‌ସିଂହପୁର ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏପରିକି ମାମଲା ସଂକ୍ରାନ୍ତରେ ଓକିଲ ପରାମର୍ଶ ପାଇଁ ମଧ୍ୟ ଜଗତ୍‌ସିଂହପୁର ଯିବାକୁ ପଡୁଛି । ଏହାର ପ୍ରତିବାଦରେ ଆଇନଜୀବୀ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। କୁଜଙ୍ଗ ଆଇନଜୀବୀ ସଂଘ ପକ୍ଷରୁ ଏ ସଂକ୍ରାନ୍ତରେ ଉଚ୍ଚ ନ୍ୟାୟାଳୟ ଓ ଜିଲା ଜଜ୍‌ଙ୍କ ନିକଟରେ ବହୁ ପୂର୍ବରୁ ଦାବି କରାଯାଇଥିଲା। ଅଦାଲତ ପ୍ରତିଷ୍ଠା ନିମନ୍ତେ ଉଚ୍ଚ ନ୍ୟାୟାଳୟ ତରଫରୁ ସବୁଜ ସଂକେତ ମିଳିଥିଲେ ବି ଅଦ୍ୟାବଧି ପ୍ରତିଷ୍ଠା ହୋଇପାରିନାହିଁ।

ଏନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅଦାଲତ ବନ୍ଦ ରଖାଯିବ ବୋଲି ସଭାପତି ପଟ୍ଟନାୟକ କହିଛନ୍ତି । ଆନ୍ଦୋଳନରେ ପୂର୍ବତନ ସଭାପତି ଏଏନଡି ଯାଦବ, ରମେଶଚନ୍ଦ୍ର ଦାସ, କୈଳାସ ମହାପାତ୍ର, ନୃସିଂହ ପ୍ରଧାନ, ପ୍ରଦୀପ ସାହୁ, ସତ୍ୟାନନ୍ଦ ବିଶ୍ୱାଳ, ଭାରତ ଭୂଷଣ ଦାସଙ୍କ ସମେତ ବହୁ ଆଇନଜୀବୀ ସାମିଲ ହୋଇଥିଲେ।



ଆଇନଜୀବୀମାନେ ଅଦାଲତ ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି।

# ବସ୍-ହାଇୱା ମୁହାଁମୁହିଁ ଧକ୍କା: ୧୨ ଯାତ୍ରୀ ଆହତ

ବାଲିଆ, ୨।୫

କଟକ ନୂଆଗାଁ ୫୫ନଂ ଜାତୀୟ ରାଜପଥର ବସନ୍ତପୁର ଛକ ନିକଟରେ ରବିବାର ଅପରାହ୍ନରେ ଏକ ଯାତ୍ରୀବାହୀ ବସ୍ ସହ ହାଇୱା ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୧୨ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜଗତ୍‌ସିଂହପୁର ସଦର ମହକୁମା ଡାକ୍ତରଖାନାକୁ ପଠାଯାଇଛି। ଏନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। କଟକରୁ ବୋରିକିନା ଅଭିମୁଖେ ରବିବାର ଅପରାହ୍ନରେ ଜାନକୀ ନାମକ ଏକ ଯାତ୍ରୀବାହୀ ବସ୍ ଆସୁଥିଲା। ଏଥିରେ ଡ୍ରାଇଭର, ହେଲ୍ପର ଓ କଣ୍ଡକ୍ଟରଙ୍କ ସମେତ ପ୍ରାୟ ୩୦ ଜଣ ଯାତ୍ରୀ ଥିଲେ। ଉକ୍ତ ବସ୍‌କୁ ବସନ୍ତପୁର ଛକ ନିକଟରେ ଦ୍ରୁତ ଗତିରେ କଟକ ଆଡ଼କୁ ଯାଉଥିବା ଏକ ହାଇୱା ଧକ୍କା ଦେଇଥିଲା। ଫଳରେ ବସ୍‌ର ଆଗ ବମ୍ପର ଓ କାଚ ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ କିଛି ଯନ୍ତ୍ରାଂଶ ଭାଙ୍ଗି ଯାଇଥିଲା। ଦୁର୍ଘଟଣା ପରେ ହାଇୱା ଚାଳକ ଗାଡ଼ି ନେଇ ପଳାଇଯାଉଥିବାବେଳେ ଖବରପାଇ ବିରିଡ଼ି ପୋଲିସ ତାଙ୍କୁ ହାଜିପୁର ନିକଟରୁ କାବୁ କରିଛି। ହାଇୱା ଜବତ କରାଯିବା ସହ ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ନିରଞ୍ଜନ ମଲ୍ଲିକ କହିଛନ୍ତି।




# ସାଧୁସନ୍ଥଙ୍କ ଗହଣରେ ଭାଗବତ ଜ୍ଞାନଯଜ୍ଞ ଶେଷ

ରାହାମା, ୨।୫(ଡି.ଏନ୍.ଏ)

ଜଗତ୍‌ସିଂହପୁର କୁଜଙ୍ଗ ବ୍ଲକ ରାହାମା କଲେଜ ପଡିଆରେ ଭାଗବତ ମହାପୁରାଣ ଜ୍ଞାନଯଜ୍ଞର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବା ଭାଗବତ ପ୍ରସାର ପ୍ରଚାର ସମିତି ଆଧ୍ୟାତ୍ମିକ ଅନୁଷ୍ଠାନ ଆନୁକୂଲ୍ୟରେ ଏକ ସପ୍ତାହ ବ୍ୟାପୀ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟ ବିଭିନ୍ନ ସ୍ଥାନରୁ ସାଧୁସନ୍ଥ ଆସି ଏଥିରେ ଯୋଗଦେଇଥିଲେ। ସେମାନଙ୍କ ଗହଣରେ ଅନୁଷ୍ଠାନର ଆଧ୍ୟାତ୍ମିକ ସୃଜନ ପତ୍ରିକା 'ଭାଗବତ କଥାମୃତ'ର ଶୁଭ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଅତିଥିଭାବେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ, ବାୟା ବାବାଙ୍କ ପଟ୍ଟଶିଷ୍ୟ ବାବା ବିପିନ ବିହାରୀ ଦାସ, ମହନ୍ତ ରାମକୃଷ୍ଣ ଦାସ ମହାରାଜ, ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକ, ସ୍ୱାମୀ ଚିଦାନନ୍ଦ ମହାରାଜ, ସ୍ୱାମୀ ଡ. ଶ୍ରୁତିସାଗର ସରସ୍ୱତୀ ପ୍ରମୁଖ ଉପସ୍ଥିତଥିଲେ। ମୁଖ୍ୟ ଉପସ୍ଥାପକ ଭାବେ ଶରଣାରବିନ୍ଦ ଓଝା ଯୋଗଦେଇଥିଲେ। ମଞ୍ଚର ଧାରାବାହିକ ବକ୍ତା ପ୍ରବଚକ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ, ଦୟାନିଧି ଦାସ ଓ ଏଗାର ବର୍ଷର କୁନି ପ୍ରବଚକ କେଶବାନନ୍ଦ ଦ୍ୱିତୀକୃଷ୍ଣ ସାମିଲ ହୋଇ ଆଧ୍ୟାତ୍ମିକ ପରିସରକୁ ଆହୁରି ରସାମୟ କରିଥିଲେ। ଅନୁଷ୍ଠାନ ତରଫରୁ ଅଞ୍ଚଳର କିଛି ବିଶିଷ୍ଟବ୍ୟକ୍ତିଙ୍କୁ ସଂସ୍କୃତି ସାରଥି ଓ ସେବା ସାରଥୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାମାଜିକ କର୍ମୀ ଡ. ସୁନାକର ବେହେରା ଭାଗବତ ପାରାୟଣ ଜ୍ଞାନଯଜ୍ଞ ସଫଳ ରୂପେ ରୂପାୟନ କରିପାରିଥିଲେ। ଅନୁଷ୍ଠାନର ସଭାପତି ରବିନାରାୟଣ ସାହୁ, ଉପଦେଷ୍ଟା ଈଶ୍ୱର ଚନ୍ଦ୍ର ସାହୁ, ଅଜୟ କୁମାର ସାହୁ, ଭିକାରି ଚରଣ ସେନାପତି ପ୍ରମୁଖ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ।



ଉତ୍ସବରେ ଯୋଗ ଦେଇଥିବା ସାଧୁସନ୍ଥ ଓ ଅନ୍ୟମାନେ।

## 'ଶିକ୍ଷାର ପୂର୍ଣ୍ଣତା ହେଉଛି ଯୋଗ'

ବିରିଡି:୧।୫(ଡି.ଏନ୍.ଏ.)

ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ବିରିଡି ବ୍ଲକସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ରବିବାର ଅଣଖିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପାଠଚକ୍ର ସଙ୍ଗଠକ ପଦ୍ମଲାଭ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥିଭାବେ ଅଧ୍ୟକ୍ଷ ମାନସରଞ୍ଜନ ସିଂହ, ମୁଖ୍ୟବକ୍ତା ଭାବେ ଖଣ୍ଡଗିରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ପାଢୀ, ଜିଲା ସଂଗଠକ ଧ୍ରୁବଚରଣ ସାହୁ, ଦେବଦତ୍ତ ସାହୁ, ଦେବରାଜ ପାତ୍ର, ବ୍ଲକ ସଂଗଠକ ରାଖାଲ ମୋହନ ଦାସ ଯୋଗଦେଇ ପୁରାତନ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗ ଉପରେ ଆଲୋଚନା କରିଥିଲେ। ଶିକ୍ଷାର ପୂର୍ଣ୍ଣତା ହେଉଛି ଯୋଗ' ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଇନ୍ଦ୍ରାଣୀ ମହାପାତ୍ର, ସଚ୍ଚିଦାନନ୍ଦ ମହାପାତ୍ର, ମୃତ୍ୟୁଞ୍ଜୟ ମଲ୍ଲିକ,ସଞ୍ଜୟ ଦାସ, ଅଶୋକ କୁମାର ସିଂହ, ବାଉରି ବନ୍ଧୁ ପରିଡା, ଗୀତାଞ୍ଜଳୀ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।




## କେନ୍ଦ୍ର ସରକାରଙ୍କ ଶ୍ରମ ନୀତିକୁ ସମାଲୋଚନା

ପାରାଦୀପ,୨।୫ (ସ୍ୱ.ପ୍ର.)

ପାରାଦୀପ ବନ୍ଦରଭିତ୍ତିକ ଶିଳ୍ପନଗରୀରେ ରବିବାର ବିଶ୍ୱ ଶ୍ରମିକ ଦିବସ ଏକାଧିକ ସଂଘ, ୟୁନିୟନ, ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ଏଥିରେ ଶ୍ରମିକ ନେତାମାନେ କେନ୍ଦ୍ର ସରକାରଙ୍କ ଶ୍ରମ ନୀତିକୁ ସମାଲୋଚନା କରିଥିଲେ। ନିମିଢିଠାରେ ପୂର୍ବ ଓଡ଼ିଶା ଶିଳ୍ପାଞ୍ଚଳ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ସଭାରେ, ଅତିଥି ଭାବେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ରାଜେନ୍ଦ୍ର ପ୍ରସାଦ ସିଂହ, ଅମୃତ ଦାସ, ଗୋଲକ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦୋଛକି ଜିରୋପଏଣ୍ଟଠାରେ ପୂର୍ବଭାରତ ତୈଳବିଶୋଧନାଗାର ଶ୍ରମିକସଂଘ ପକ୍ଷରୁ ଆୟୋଜିତ ସଭାରେ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ, ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପାରାଦୀପ ପୋର୍ଟ ଶ୍ରମିକସଂଘ ପକ୍ଷରୁ ଆୟୋଜିତ ସଭାରେ ନନ୍ଦଲାଲ ସିଂ, ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ପୋର୍ଟ ୱର୍କର୍ସ ୟୁନିୟନ ପକ୍ଷରୁ ଆୟୋଜିତ ସଭାରେ ନୃସିଂହ ପ୍ରସାଦ ଶତପଥୀ, ଅନନ୍ତ ଦାସ ଉପସ୍ଥିତ ଥିଲେ।

# ଏରସମା-ଆମ୍ବିକି ରାସ୍ତା ନିର୍ମାଣ ଦାବି

## ଜିଲାପାଳଙ୍କ ଜନଶୁଣାଣି ଶିବିର

ଏରସମା,୨।୫(ସ୍ୱ.ପ୍ର.)

ଏରସମା ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଯାଇଛି। ଏଥିରେ ଜିଲାପାଳ ପାରୁଲ ପଟୱାରି ଉପସ୍ଥିତ ରହି ୭୯ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ଏରସମା-ଆମ୍ବିକି ରାସ୍ତା ଦୁରାବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆମ୍ବିକି ସରପଞ୍ଚ ରଞ୍ଜନ କୁମାର ଜେଠୀଙ୍କ କହିବା ଅନୁସାରେ, ଏହି ରାସ୍ତାକୁ ନେଇ କେତେଜଣ ଚାଷୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଯୋଗୁ ରାସ୍ତା ମରଣଯନ୍ତା ପାଲଟିଛି । ଦୀର୍ଘଦିନ ହେଲା ଏହା ପୁନଃ ନିର୍ମାଣ ହୋଇ ନ ପାରି ଅଧାପନ୍ତରିଆ ହୋଇ ରହିଛି। ରାସ୍ତା ଉପରେ ନିର୍ଭର କରୁଥିବା ଏରସମା, ଜିରାଇଲୋ, ଆମ୍ବିକି, ପଦ୍ମପୁର, ଗଡବିଶୁନିପୁର, ଗଡହରିଶପୁର ୬ ଟି ପଞ୍ଚାୟତର ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବର୍ଷା ପୂର୍ବରୁ ରାସ୍ତା ପୁନଃ ନିର୍ମାଣ କରିବାକୁ ଦାବି ହୋଇଥିଲା। ନଚେତ ବାଧ ହୋଇ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପଦ୍ମପୁର ସରପଞ୍ଚ କେଶବ ପାତ୍ର ଚେତାବନୀ ଦେଇଛନ୍ତି। ଏଥିସହ ହଂସୁଆ ସଫେଇ ଖନନ ନିମ୍ନମାନର ହେଉଥିବା ନାରଦିଆର ସରପଞ୍ଚ ସିମାଇ ଭୋଳ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ,ଏରସମା ବ୍ଲକରେ ଜଳ ନିଷ୍କାସନ ପାଇଁ ସୁବ୍ୟବସ୍ଥା ହୋଇନାହିଁ । କେବଳ ହଂସୁଆ ସଫେଇ ଦ୍ୱାରା ଜଳ ନିଷ୍କାସନ ହେଉଥିଲା । ମାତ୍ର ପରିତାପର ବିଷୟ, ଦୀର୍ଘ ବର୍ଷ ହେବ ତାହା ଖୋଳା ନ ହେବାରୁ ପୋତି ହୋଇଗଲାଣି। ଫଳରେ ଗତବର୍ଷ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସିତ ହୋଇପାରି ନ ଥିଲା। ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ । ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଭୋଳ ଦାବି କରିଛନ୍ତି। ଏଥିସହ ବିଜୁ ପକ୍କାଘର ଯୋଜନା, ପାନୀୟ ଜଳ ଯୋଗାଣ ଓ ଅଘୋଷିତ ବିଦ୍ୟୁତ କାଟ ଉପରେ ଅଭିଯୋଗ ହୋଇଥିଲା। ଏଥିରେ ଆରକ୍ଷୀ ଅଧୀକ୍ଷକ ଅଖିଳେଶ୍ୱର ସିଂ, ପିଡି ରୁଦ୍ରନାରାୟଣ ଦାସ, ଉପାଧ୍ୟକ୍ଷ ବିକାଶ କୁମାର ପରିଡା ଓ ବିଡିଓ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ, ଦେଶ ପ୍ରଗତିରେ ଶ୍ରମିକଙ୍କ ଅବଦାନ ଅତୁଳନୀୟ

ଜଗତ୍‌ସିଂହପୁର ଅଫିସ, ୨।୫

ରାଜ୍ୟ ଓ ଦେଶ ପ୍ରଗତିରେ ଶ୍ରମିକମାନଙ୍କ ଅବଦାନ ଅତୁଳନୀୟ । ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳସମ୍ପଦ ଓ ଅନ୍ୟାନ୍ୟ ବିଭାଗରେ ଶ୍ରମିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ସେଥିପାଇଁ ସରକାର ଶ୍ରମ ଓ ଇଏସ୍‌ଆଇ ବିଭାଗ ମାଧ୍ୟମରେ ଶ୍ରମିକମାନଙ୍କୁ ବିଭିନ୍ନ ଯୋଜନାରେ ସହାୟତା ପ୍ରଦାନ କରୁଛନ୍ତି। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ବିଶ୍ୱ ଶ୍ରମିକ ଦିବସ ପାଳନ ଅବସରରେ ଆୟୋଜିତ ଉତ୍ସବରେ ପୌରୋହିତ୍ୟ କରି ଜିଲାପାଳ ପାରୁଲ ପଟୱାରି ଏହା କହିଛନ୍ତି। ସେ କହିଥିଲେ, ଜିଲା ଶ୍ରମ ବିଭାଗ ପକ୍ଷରୁ ଏହି ଦିବସରେ ଶ୍ରମିକମାନଙ୍କୁ ୧,୩୧,୯୫,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ବ୍ୟବସ୍ଥା ହେଉଛି । ସେଥିମଧ୍ୟରୁ ବିବାହ ସହାୟତା ବାବଦରେ ୧୭୦ ଜଣ ହିତାଧିକାରୀଙ୍କୁ ୮୨,୭୫,୦୦୦ ଟଙ୍କା ରହିଛି । ସେହିପରି ମୃତ୍ୟୁକାଳୀନ ସହାୟତା ବାବଦରେ ୨୪ ଜଣ ହିତାଧିକାରୀଙ୍କୁ ୪୮,୦୦,୦୦୦, ମୃତଦେହ ସତ୍କାର ନେଇ ୨୪ଜଣ ହିତାଧିକାରୀଙ୍କୁ ୧,୨୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ବ୍ୟବସ୍ଥା ହେଉଛି । ୧୦୦ ଜଣ ହିତାଧିକାରୀଙ୍କୁ ଶ୍ରମ କାର୍ଡ ବଣ୍ଟନ କରାଯାଉଛି । ଜିଲାର ପ୍ରତି ବ୍ଲକରେ ଶ୍ରମିକ ଶିବିର ଆୟୋଜନ କରାଯାଇ ସଚେତନତା ଓ ଶ୍ରମ କାର୍ଡ ବଣ୍ଟନ ପାଇଁ ପଦକ୍ଷେପ ନିଆଯିବ। ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କହିଥିଲେ ଆମ ଚତୁର୍ଦ୍ଦିଗରେ ଯାହା ନିର୍ମାଣ ଦେଖୁଛେ ସେଥିରେ ଶ୍ରମିକମାନଙ୍କର ସ୍ପର୍ଶ ରହିଛି। ତାଜମହଲ ଓ କୋଣାର୍କ ଭଳି କୀର୍ତ୍ତିରାଜି ହଜାର ହଜାର ଶ୍ରମିକଙ୍କ ଶ୍ରମ ଦାନରେ ସମ୍ଭବ ହୋଇଛି । କୋଭିଡ୍ ମହାମାରୀ ସମୟରେ ଶ୍ରମିକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରବାସୀ ଶ୍ରମିକଙ୍କୁ ରାଜ୍ୟ ସରକାର ଘରକୁ ଫେରାଇ ଆଣି ଖାଇବା ଓ ରହିବା ବ୍ୟବସ୍ଥା କରିଥିଲେ। ବଡ କଥା ହେଲା ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା କରିଛନ୍ତି। ସମ୍ମାନିତ ଅତିଥି ଜିଲା ପରିଷଦ ସଭାପତି ମନୋଜ ଭୋଇ ଓ ଜିଲା ପରିଷଦ ଉପସଭାପତି ସୁଜାତା ମହାନ୍ତି କହିଥିଲେ ଶ୍ରମିକମାନେ ସେମାନଙ୍କ ଅଧିକାର ବାବଦରେ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଦିବସରେ ଜିଲା ଶ୍ରମ ଅଧିକାରୀ ବାବା ଆନନ୍ଦରଞ୍ଜନ ଦାସ ଓ ସହକାରୀ ଶ୍ରମ ଅଧିକାରୀ ସୌମ୍ୟା ରଞ୍ଜିତା ଦଳେଇ ଶ୍ରମ ଆଇନ ଓ ଶ୍ରମିକମାନଙ୍କ ମଙ୍ଗଳ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୧୭୦ଜଣ ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କ ଝିଅ ବାହାଘର ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଦିଆଯାଇଥିଲା। ୨୪ ଜଣଙ୍କ ମୃତ୍ୟୁରେ ସେମାନଙ୍କ ନୋମିନିଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ୨୪ ଜଣଙ୍କୁ ଶବଦାହ ରାଶି ବଣ୍ଟନ କରାଯାଇଥିଲା। ପ୍ରାରମ୍ଭରେ ଜିଲା ଶ୍ରମ ଅଧିକାରୀ ଦାସ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଦେଇଥିଲେ।




ଜିଲାସ୍ତରୀୟ ବିଶ୍ୱ ଶ୍ରମିକ ଦିବସରେ ଜିଲାପାଳ ଓ ଅନ୍ୟମାନେ।



## ସଂକ୍ଷେପରେ

### ବ୍ରାଉନ୍‌ସୁଗାର କାରବାର ବନ୍ଦ ହେବ:ଏସ୍‌ପି



**ନୟାଗଡ ଅଫିସ,୨।୫:** ନୟାଗଡ ଜିଲାରେ ନୂତନ ଏସ୍‌ପି ଭାବେ ସୋମବାର ଅଲେଖ ପହି କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏନେଇ ଏସ୍‌ପି ଗଣମାଧମକୁ କହିଛନ୍ତି, ବ୍ରାଉନସୁଗାର ଧରପଗଡ଼କୁ ତ୍ୱରାନ୍ୱିତ କରାଯିବ । ଏହାର କାରବାରକୁ ବନ୍ଦ କରାଯିବ । ପାହାଡ଼ରେ ଚାଲିଥିବା ବେଆଇନ ବିସ୍ଫୋରଣକୁ ବନ୍ଦ ହେବ। ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବାକୁ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

### ହତ୍ୟା ଅଭିଯୁକ୍ତ ଜେଲ ଗଲେ

**ନୟାଗଡ ଅଫିସ,୨।୫:** ନୟାଗଡ ଜିଲା ଇଟାମାଟି ଥାନା ଟିପୁରା ଗାଁରେ ପୂର୍ବ ଶତ୍ରୁତାକୁ ନେଇ ଜଗବନ୍ଧୁ ଜେନା ହତ୍ୟା ଘଟଣାରେ ଅଟକ ଥିବା କେଦାର ଜେନା(୩୪)ଙ୍କୁ ପୋଲିସ ଗିରଫ ଦେଖାଇ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ କେଦାରଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅଭିଯୋଗ ଅନୁସାରେ ଜଗବନ୍ଧୁ ଜେନା(୪୬) ଇଟାମାଟି ବଜାରରୁ ନିଜ ଦୋକାନ ପାଇ ସଉଦା ଆଣିବାକୁ ଗତ ୨୮ ତାରିଖ ସନ୍ଧ୍ୟାରେ ଯାଇଥିଲେ । ସେ ଘରକୁ ଫେରୁଥିବାବେଳେ ତାଙ୍କର କେତେଜଣ ସମ୍ପର୍କୀୟ ପୂର୍ବବିବାଦକୁ ନେଇ ଜଗବନ୍ଧୁଙ୍କ ସହ ଝଗଡ଼ା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପର୍କୀୟ ସ୍ୱପ୍ନେଶ୍ୱର ଜେନା ଓ ତାଙ୍କ ୨ ପୁଅ କେଦାର ନାଥ ଓ ମୁକେଶ ମିଳିତ ହୋଇ ତାଙ୍କୁ ମାରପିଟ୍ କରିଥିଲେ । ପରେ ଡ୍ରେନ ଭିତରକୁ ଠେଲି ଦେଇ ଫେରାର ହୋଇ ଯାଇଥିଲେ । ଅଭିଯୋଗ ପରେ ପୋଲିସ ୮୮/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା ।

# ଜିଲାପାଳଙ୍କ ଜନଶୁଣାଣି : ୯୯ ଅଭିଯୋଗ

ନୟାଗଡ଼ ଅଫିସ,୨।୫

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପୋମା ଟୁଡୁ ଅଧକ୍ଷତା କରି ଅଭିଯୋଗ ଶୁଣିଥିଲେ। ସମୁଦାୟ ୯୯ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରୁ ବ୍ୟକ୍ତିଗତ ଭାବେ ୯୩ଟି ଅଭିଯୋଗ, ସାମୂହିକ ଗ୍ରାମ ବିବାଦ ୩ ଗୋଟି ରହିଛି। ଜିଲାପାଳ ଏଥିରୁ ୨୯ ଟି ମାମଲାର ତତ୍‌କାଳ ସମାଧାନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ରିଲଫ ଫଣ୍ଡରୁ ୩ ଜଣ ଦରଖାସ୍ତକାରୀଙ୍କୁ ମୋଟ ୪୯ ହଜାର ଆର୍ଥିକ ଅନୁଦାନ ପ୍ରଦାନ ସହ ୨ଜଣ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର, ଆଶା ବାଡି ପ୍ରଦାନ କରାଯାଇଛି। ଅବଶିଷ୍ଟ ୬୭ ଗୋଟି ଅଭିଯୋଗକୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ମଲ୍ଲିକ, ବିଡିଓ, ତହସିଲଦାର, ଜିଲାସ୍ତରୀୟ ପଦାଧିକାରୀ, ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟାଗୁଡ଼ିକ ଶୁଣାଣି କରିବାରେ ଜିଲାପାଳଙ୍କୁ ସହଯୋଗ କରିଥିଲେ।



ଜିଲାପାଳ ପୋମା ଟୁଡୁ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

## ଦଣ୍ଡ ଶୋଭାଯାତ୍ରାକୁ ନେଇ ହତ୍ୟା ଘଟଣା

ନୟାଗଡ ଅଫିସ,୨।୫

ଦଣ୍ଡ ଶୋଭାଯାତ୍ରାକୁ ନେଇ ଯୁବକଙ୍କୁ ହତ୍ୟା ଘଟଣାରେ ନୟାଗଡ ଟାଉନ ଥାନା ପୋଲିସ ଦେଉଳପଲ୍ଲୀ ଗାଁରୁ ୧୩ ଜଣଙ୍କୁ ଗିରଫ କରିଛି । ତେବେ ମୁଖ୍ୟ ଅଭିଯୁକ୍ତମାନେ ଘୁରି ବୁଲୁଥିଲେ ମଧ ପୋଲିସ ଗିରଫ କରୁନଥିବା ଅଭିଯୋଗ ଉଠିଛି । ଏନେଇ ଦୁର୍ଗାପ୍ରସାଦ ଗାଁଲୋକ ରବିବାର ନୟାଗଡ ଟାଉନ ଥାନା ଆଇଆଇସିଙ୍କୁ ଭେଟି ମୁଖ୍ୟଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ।

ପ୍ରକାଶଯେ ଗତ ୧୩ ତାରିଖ ବୁଧବାର ରାତିରେ ଦଣ୍ଡପର୍ବରେ ଶୋଭାଯାତ୍ରାକୁ ନେଇ ସୃଷ୍ଟ ବିବାଦ ଘଟଣାରେ ନୟାଗଡ଼ ଟାଉନ ଥାନା ଦୁର୍ଗାପ୍ରସାଦ ଗାଁର ଯୁବ ଇଞ୍ଜିନିୟର ନବୀନ ପରିଡା(୨୬)ଙ୍କୁ ହତ୍ୟା କରାଯାଇଥିଲା । ଦେଉଳପଲ୍ଲୀ ଗାଁଲୋକ ନବୀନଙ୍କୁ ହତ୍ୟା କରି ଫୋପାଡି ଦେଇଥିବା ଅଭିଯୋଗ ହୋଇଥିଲା। ସେହିପରି ସିନ୍ଦୁରିଆ ଲୋକନାଥ ମନ୍ଦିରରେ ଦୁର୍ଗାପ୍ରସାଦର ଦଣ୍ଡୁଆମାନଙ୍କୁ ତାଲା ପକାଇ ପ୍ରାୟ ଅଧ ଘଣ୍ଟାଏ ଧରି ଟେକାପଥର ମାଡ କରିଥିଲେ। ଭଉଣୀ ସସ୍ମିତା ଦାସ ଓ ଆହତଙ୍କ ଅଭିଯୋଗ ଅନୁସାରେ ପୋଲିସ ସିନି ପ୍ରଧାନ, ରବୀନ୍ଦ୍ର ନାଥ ପ୍ରଧାନ, ଆରତ ପ୍ରଧାନ, ଅରୁଣ ପ୍ରଧାନ, ବିରଞ୍ଚି ପ୍ରଧାନ, ଆନନ୍ଦ ପ୍ରଧାନ, ଲକ୍ଷ୍ମଣ ପ୍ରଧାନଙ୍କ ସମେତ ଏକାଧିକ ଲୋକଙ୍କ ବିରୋଧରେ ୩୦୨, ୩୦୭, ୩୩୭, ୩୩୮, ୩୨୩, ୩୨୫, ୧୪୭, ୧୪୮, ୧୪୯ ଦଫାରେ ୪୩/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।




## ଶ୍ରୀ ଜୟଦେବ ଜୟନ୍ତୀ
୩ ମଇ ୨୦୨୨ (ଅକ୍ଷୟ ତୃତୀୟା)

DADLS-19

ଦେବଭୂମି ଉତ୍କଳର କେନ୍ଦୁବିଲ୍ୱ ଶାସନରେ ଜନ୍ମିତ ମହାକବି ଜୟଦେବ ଜଣେ କାଳଜୟୀ ସ୍ରଷ୍ଟା ଭାବେ ବିଶ୍ୱବିଦିତ । ତାଙ୍କ ରଚିତ କାବ୍ୟ 'ଶ୍ରୀ ଗୀତଗୋବିନ୍ଦ' ଭାରତୀୟ ସଂସ୍କୃତ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ଗ୍ରନ୍ଥ । ଗୀତଗୋବିନ୍ଦର କୋମଳକାନ୍ତ ପଦାବଳୀ ଶତାବ୍ଦୀ ଶତାବ୍ଦୀ ଧରି ଆମର ଆଧ୍ୟାତ୍ମିକ ଚେତନାକୁ ଉଦ୍‌ବୁଦ୍ଧ କରି ଆସିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ଭକ୍ତକବି ଜୟଦେବ ଏହି ଦୁର୍ଲ୍ଲଭ କାବ୍ୟ ଗ୍ରନ୍ଥ ରଚନା କରିବାକୁ ସମର୍ଥ ହୋଇଥିଲେ । ଏ ସମ୍ପର୍କରେ ବହୁ ଅଲୌକିକ କାହାଣୀ, କିମ୍ବଦନ୍ତୀ, ପ୍ରଥା ଓ ପରମ୍ପରା ଯୁଗଯୁଗ ଧରି ଉତ୍କଳୀୟ ଜନମାନସକୁ ଆଚ୍ଛନ୍ନ କରି ରଖିଛି ।

୩ ମଇ, ୨୦୨୨ (ଅକ୍ଷୟ ତୃତୀୟା)ରେ ଜୟଦେବ ଜୟନ୍ତୀ ପାଳନ ଅବସରରେ ଓଡ଼ିଆ ଜାତିର ଗର୍ବ ଓ ଗୌରବ ଶ୍ରୀ ଗୀତଗୋବିନ୍ଦର ରଚୟିତା ବ୍ୟାସାବତାର ମହାକବି ଶ୍ରୀ ଜୟଦେବଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/13/0036/2223


# ଟୁଆ, ରାସ୍ତା ନାଁରେ ୨୪ ଲକ୍ଷ ଆତ୍ମସାତ୍ ଘଟଣା

## ଜିଲାପାଳଙ୍କ ପାଖରେ କାର୍ଯ୍ୟାନୁଷ୍ଠାନ ଫାଇଲ

ନୟାଗଡ ଅଫିସ,୨।୫

ନୟାଗଡ ଜିଲା ଭାପୁର ବ୍ଲକ ଭାପୁର ପଞ୍ଚାୟତ ଖଇରଗାଡିଆ ଗାଁରେ ଦୁଇଟି ଟୁଆ ଓ ଗୋଟିଏ ରାସ୍ତା କାର୍ଯ୍ୟ କରା ନ ଯାଇ ୨୪ ଲକ୍ଷ ଟଙ୍କା ଫଲସ୍ ବିଲ୍ ହୋଇଥିଲା। ଏନେଇ ସ୍ଥାନୀୟ ଖଇରଗାଡିଆ ବାସିନ୍ଦା ଭାପୁର ବିଡିଓଙ୍କୁ ଭେଟି ଫେରାଦ୍ ହୋଇଥିଲେ । ପରେ ଭାପୁର ବିଡିଓ ଜନ୍ମେଜୟ ସାହୁ ଗୁରୁବାର ତଦନ୍ତ କରି ଫେରିଥିଲେ। ସେହିପରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନ୍‌ଆର୍‌ଇଜିଏସ୍)ର ଆବ୍ୟୁସ୍‌ମ୍ୟାନ ଗିରିଶ ଚନ୍ଦ୍ର ଦାସ ଓ ଭାପୁର ବ୍ଲକ ଏପିଓ ଅରୁଣ ଚିନାରା ତଦନ୍ତ କରି ଅନୁରୂପ ଭାବେ ଫେରିଥିଲେ । ଫଲସ ବିଲ୍ ହୋଇଥିବାର ପ୍ରମାଣ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ହେବା । ଫାଇଲ ଜିଲାପାଳଙ୍କ ପାଖରେ ପହଞ୍ଚିଛି ।

ଗାଁଲୋକଙ୍କ ଅଭିଯୋଗ ଅନୁସାରେ ୨୦୨୦-୨୧ ଆର୍ଥିକ ବର୍ଷରେ ପାଣିଟୁଆର କାର୍ଯ୍ୟାଦେଶ ୮ ଲକ୍ଷ ଟଙ୍କାରେ ଦିଆଯାଇଛି ।ସେହିପରି ନିମ ଟୁଆ ପୋଖରୀର କାର୍ଯ୍ୟାଦେଶ ୮ ଲକ୍ଷ ଓ ଖଇରଗାଡିଆଠାରୁ ମନ୍ଦାର ବେରଣୀ ରାସ୍ତା ଅଧ କିମି ପାଇଁ ଅନୁରୂପ ଭାବେ ୮ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି । ଏହାର କାମ ନ ହୋଇ ୩ଟି ଯାକ ପ୍ରକଳ୍ପ ପାଇଁ ୨୪ ଲକ୍ଷ ଟଙ୍କା ଫଲସ୍ ବିଲ୍ ହୋଇଛି । ଗାଁଲୋକ ଫଲସ୍ ବିଲ୍ ସମ୍ପର୍କରେ ଜାଣିବା ପରେ ପ୍ରତିବାଦ କରିଥିଲେ। ଏପରି କି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନ ହେଲେ ଭାପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ଏନେଇ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ କୁହନ୍ତି, ଫଲସ ବିଲ୍ ହେବାର ପ୍ରମାଣ ମିଳିସାରିଛି। ଟଙ୍କା ରିକୋଭରି ହେବା ସହ ନିଲମ୍ବନ ହେବାର ରହିଛି। ଏନେଇ ଜିଲାପାଳଙ୍କ ପାଖରେ ଫାଇଲ ଅଛି । ଖୁବ୍‌ଶୀଘ୍ର ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ଭାଲୁ ମୁଣ୍ଡିଆରେ ନାବାଳକଙ୍କ ମୃତଦେହ

## ୪ଦିନ ତଳେ ନିଖୋଜ ଥିଲେ

ନୟାଗଡ ଅଫିସ,୨।୫

ନୟାଗଡ଼ ଜିଲା ଗୋଡିପଡା ଫାଣ୍ଡି ଭାଲିଆଡିହି ଗାଁର ଚିନ୍ମୟ ମିଶ୍ର(୧୭) ନାମକ ଜଣେ ନାବଳକଙ୍କ ମୃତଦେହ ଭାଲୁ ମୁଣ୍ଡିଆରେ ଗଛରେ ଝୁଲୁଛି। ଖବର ପାଇ ଗୋଡିପଡା ଫାଣ୍ଡି ପୋଲିସ ସୋମବାର ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ନାବାଳକ ଗତ କିଛି ଦିନ ତଳେ ଜଣେ ନାବାଳିକାଙ୍କୁ ଭଲ ପାଇ ପ୍ରେମିକାଙ୍କ ପରିବାର ଦ୍ୱାରା ଅଟକ ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଗତ ୪ଦିନ ହେଲା ସେ ନିଖୋଜ ଥିଲେ। ମୃତଦେହ ମିଳିବା ପରେ ହତ୍ୟା କି ଆତ୍ମହତ୍ୟା ସନ୍ଦେହ ଉପୁଜୁଛି।

# କାଜୁ ବଗିଚା : ଫାଶରେ ପଡ଼ି ସମ୍ବର ମୃତ



ଓଡ଼ଗାଁ, ୨।୫(ସ୍ୱ.ପ୍ର.)

ଓଡ଼ଗାଁ ବନାଞ୍ଚଳ ଓ ଦଲକ ସାହି ଜନବସତି ନିକଟସ୍ଥ କାଜୁ ବଗିଚାରୁ ସୋମବାର ଭୋରୁ ଫାଶରେ ପଡିଥିବା ଏକ ମୃତ ସମ୍ବର ଜବତ କରାଯାଇଛି। ସୂଚନା ଅନୁସାରେ, ଭାଲୁ ମୁଣ୍ଡିଆ ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ଘରୋଇ କାଜୁ ବଗିଚାରେ କୌଣସି ଦୁର୍ବୃତ୍ତ ବାରହା କିମ୍ବା ଠେକୁଆ ଶିକାର କରିବା ଉଦ୍ଦେଶ୍ୟରେ ନାଇଲନ ଫାଶ ପକାଇ ଥିଲେ। ହେଲେ ଏଥିରେ ଏକ ଛୁଆ ସମ୍ବର ଫସି ଯାଇଥିବା ବେଳେ ନିଜ ଜୀବନ ବଞ୍ଚାଇବାକୁ ଉଦ୍ୟମ କରିଥିଲା। ହେଲେ ସେ କୌଣସି ପ୍ରକାରେ ଫାଶ ସହ ଖସି ଆସି ନିକଟରେ ଥିବା ଏକ ଅର୍ଦ୍ଧନିର୍ମିତ ଘରେ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଥିଲା। ହେଲେ ଏ ନେଇ ବନ ବିଭାଗ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ମୃତ ସମ୍ବରକୁ ଜବତ କରି ଏକ ମାମଲା ରୁଜୁ କରିଥିବା ଜଣାଯାଇଛି। ଅନ୍ୟପକ୍ଷେ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତ ସମ୍ବରର ବ୍ୟବଚ୍ଛେଦ କରାଯାଇଛି। ଏହାର ବୟସ ୩ ରୁ ୪ବର୍ଷ ଓ ଓଜନ ପ୍ରାୟ ୧୨୦ କେଜି ହେବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ସହକାରୀ ବନ ସଂରକ୍ଷକ ହିମାଂଶୁ ଶେଖର ମୁଦୁଲି, ନୂତନ ବନାଞ୍ଚଳ ଅଧିକାରୀ ଆଶୀଷ କୁମାର କୁଅଁର, ବନାଞ୍ଚଳ ଅଧିକାରୀ ଅମ୍ରିତ କୁମାର ସାହୁ, ବନପାଳ ସନ୍ଧ୍ୟାରାଣୀ ନାୟକଙ୍କ ଉପସ୍ଥିତିରେ ମୃତ ସମ୍ବର ମାଂସକୁ ବନାଞ୍ଚଳ କାର୍ଯ୍ୟାଳୟ ମଧ୍ୟରେ ପୋତି ଦିଆଯାଇଛି। ହେଲେ ସ୍ଥାନୀୟ ବନାଞ୍ଚଳରେ ବ୍ୟାପକ ବନ୍ୟପ୍ରାଣୀ ଶିକାର କରାଯାଉଥିବା ବେଳେ ବିଭିନ୍ନ ସମୟରେ ଏହାକୁ ଅଣଦେଖା କରାଯାଉଥିବା କିମ୍ବା ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା କାରଣରୁ ଏଥିପ୍ରତି ଧ୍ୟାନ ଦେବାକୁ ପରିବେଶବିତ୍ ପ୍ରଫୁଲ୍ଲ ମାଝି ପ୍ରକାଶ କରିଛନ୍ତି।

# ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରମିକ ଦିବସ



ଶ୍ରମିକ ମହାସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ନୟାଗଡ଼ ଅଫିସ,୨।୫

ନୟାଗଡ଼ ଜିଲା ଶ୍ରମିକ ମହାସଂଘ ପକ୍ଷରୁ ଏକ ଶୋଭାଯାତ୍ରା ମହିଳା ମହାବିଦ୍ୟାଳୟ କାର୍ଯ୍ୟାଳୟଠାରୁ ବାହାରି ସହର ପରକ୍ରମା କରି ଫେରିଥିଲା। ଶ୍ରମିକମାନେ ସେମାନଙ୍କୁ ବିଭିନ୍ନ ଅସୁବିଧାକୁ ସ୍ଲୋଗାନ ମାଧ୍ୟମରେ କହିଥିଲେ। ଏହି ଅବସରରେ ପାଟଚଣ୍ଡୀ ମନ୍ଦିରଠାରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭାପତି ଶୂନ୍ୟଜୟୀ ମିଶ୍ର, ଆଞ୍ଚଳିକ ପରିଚାଳକ ଭଗବାନ ବେହେରା, ରମେଶ ବେହେରା, ପ୍ରଫୁଲ୍ଲ ମହାରଣା ପ୍ରମୁଖ ଯୋଗଦେଇ ଶ୍ରମିକଙ୍କର ସମସ୍ୟା ଓ ସମାଧାନର ମାର୍ଗ ଉପରେ ବକ୍ତବ୍ୟ ରଖିଥିଲେ। ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ଦିଆଯାଉ ନ ଥିବରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଶ୍ରମିକଙ୍କୁ ବାର୍ଷିକ ବୋନସ୍ ମଧ ମିଳୁନାହିଁ। ମାଲିକଙ୍କ ବିରୋଧରେ ଅଭିଯୋଗ କଲେ ଜିଲା ଶ୍ରମ ବିଭାଗ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଅନ୍ୟପକ୍ଷେ ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଜୁ ଶ୍ରମିକ ସାମ୍ମୁଖ୍ୟ, ନୟାଗଡ଼ ଜିଲା କାର୍ଯ୍ୟରତ ନିର୍ମାଣ ଶ୍ରମିକ ମହାସଂଘ, ଖବରକାଗଜ ବିତରକ ସଂଘ, ସ୍ୱଚ୍ଛ ସାଥି ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳନ ହୋଇଯାଇଛି। ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସହ ସଂଯୋଜକ ଶ୍ରୀକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରମିକ ନେତା ବାସୁଦେବ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।




## ଗୋଜବାୟାଣୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଗଠନ ପ୍ରକ୍ରିୟା ଆରମ୍ଭ

ମାର୍ଶାଘାଇ, (ଡି.ଏନ.ଏ.):ମାର୍ଶାଘାଇ ବ୍ଲକ ବାଘଡ଼ିଆ ଗାଁର ମା' ଗୋଜବାୟାଣୀ ପୀଠକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଓ ପୀଠର ସାମଗ୍ରିକ ଉନ୍ନତି ପାଇଁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ସୋମବାର କେନ୍ଦ୍ରାପଡ଼ା ଦେବୋତ୍ତର ବିଭାଗ ନିରୀକ୍ଷକ ଶକ୍ତି ସ୍ୱରୂପ ନାୟକ ମା'ଙ୍କ ପୀଠରେ ପହଞ୍ଚି ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟ ବୋର୍ଡ ଗଠନ ଲାଗି ବୈଠକ କରିଛନ୍ତି। ତେଣୁ ନାୟକ ବାଘଡିଆ ଗାଁ ଲୋକଙ୍କ ସହ ବୈଠକ କରି ସହମତି ଭିତ୍ତିରେ ଗାଁର ୭ ଜଣ ଲୋକ, ମାର୍ଶାଘାଇ ତହସିଲଦାର, ଆଇଆଇସିଙ୍କୁ ନେଇ ଏକ ୯ ଜଣିଆ କମିଟି ଗଠନ କରିଛନ୍ତି। କମିଟିର ଅନୁମୋଦନ ପାଇଁ ଏହାକୁ ଦେବୋତ୍ତର କମିଶନଙ୍କ ନିକଟକୁ ପଠାଯାଇଛି।

## ସଂକ୍ଷେପରେ

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

**କେନ୍ଦ୍ରାପଡ଼ା ଅଫିସ, ୨।୫:** କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୬୬ଟି ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୫୬ଟି ବ୍ୟକ୍ତିଗତ ଥିବା ବେଳେ ଅବଶିଷ୍ଟ ସାମୂହିକ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବାସଗୃହ ଯୋଜନା, ଭତ୍ତା, ରାଶନ କାର୍ଡ, ପୋଲିସ ସୁରକ୍ଷା ଥିଲା। ସେହିପରି ପାନୀୟ ଜଳ, ଜଳ ନିଷ୍କାସନ, ଗ୍ରାମ ରାସ୍ତା ଅବରୋଧ, ଶିକ୍ଷା ଓ ମିଶନ ଶକ୍ତି ଆଦି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ଜିଲାପାଳ ଅମୃତ ଋତୁରାଜ, ଏସ୍‌ପି ମଡକର ସନ୍ଦିପ ସମ୍ପଦ, ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ଦୁର୍ଗାଚରଣ ମହାରଣା, ପିଡି ରାଜେନ୍ଦ୍ର କୁମାର ପଣ୍ଡା, ଡେପୁଟି କଲେକ୍ଟର ଅନନ୍ୟା ତ୍ରିପାଠୀଙ୍କ ସହ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଯୋଗ ଦେଇଥିଲେ। ଅଭିଯୋଗଗୁଡିକ ମଧ୍ୟରୁ କେତେକ ତତ୍‌କ୍ଷଣାତ୍ ସମାଧାନ ହୋଇଥିବା ବେଳେ ଅବଶିଷ୍ଟ ଆସନ୍ତା ୭ ଦିନ ମଧ୍ୟରେ ସମାଧାନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ଜିଲାପାଳ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି।

### ଆଇନ ଶୃଙ୍ଖଳା ଭୁଶୁଡ଼ିବା ନେଇ ଭାଜପାର ପଦଯାତ୍ରା

**ମହାକାଳପଡ଼ା, ୨।୫ (ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ଆଇନ ଶୃଙ୍ଖଳା ଭୁଶୁଡି ପଡିଛି। ଏହାକୁ ନେଇ ସୋମବାର ଭାଜପା ପକ୍ଷରୁ ମହାକାଳପଡ଼ା ଆଇଆଇସିଙ୍କୁ ଏକ ୭ ଦଫା ଦାବି ସମ୍ୱଳିତ ପତ୍ର ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବ୍ଲକରେ ଦୁଇ ମାସ ମଧ୍ୟରେ ବବକରପୁର, କାକଟପୁର ଓ ମହାକାଳପଡ଼ାଠାରେ ଦୁର୍ବୃତ୍ତମାନଙ୍କ ଗୁଳିକାଣ୍ଡରେ ସ୍ଥାନୀୟ ପୋଲିସର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଭାଜପା ଏହି ଘଟଣା ପ୍ରତିବାଦ କରିଛି। ଏ ନେଇ ମହାକାଳପଡ଼ା ଭାଜପା ପକ୍ଷରୁ ସୌଭାଗ୍ୟ କୁମାର ପରିଡାଙ୍କ ନେତୃତ୍ୱରେ ଏକ ପଦଯାତ୍ରା ଭାଜପା କାର୍ଯ୍ୟକର୍ତ୍ତାମାନଙ୍କ ଗହଣରେ ମହାକାଳପଡ଼ା କେନାଲ ବନ୍ଧରୁ ବାହାରି ଥାନାରେ ପହଞ୍ଚି ଆଇଆଇସି ମନୋରଞ୍ଜନ ଚୌଧୁରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି।

### ଏରଡ଼ଙ୍ଗ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

**ଆଳି, ୨।୫(ଡି.ଏନ.ଏ.):** ଆଳି ବ୍ଲକ ଏରଡ଼ଙ୍ଗ ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗରୁ ୩୯୭ଟି ଅଭିଯୋଗ ଆସିଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଡିଓ ଦ୍ୱିବେନ୍ଦୁ ଦାସଙ୍କ ଉପସ୍ଥିତରେ ତହସିଲଦାର ତପନ ସେନାପତି ଉଦ୍‌ଘାଟନ କରିଥିଲେ। ଏହି ସମୟରେ ପଞ୍ଚାୟତର ସରପଞ୍ଚ ଅନୁପମା ସେଠୀ, ଜୋସ୍ନାରାଣୀ ଦାସ, ପୁରୁଷୋତ୍ତମ ପଲାଇ, ସୁନିଲ ଦାସ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ବିଭାଗ, ଡାକ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପଶୁ ଚିକିତ୍ସା ବିଭାଗ, ଶ୍ରମ ବିଭାଗ, ମିଶନ ଶକ୍ତି, ମତ୍ସ୍ୟ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ଯୋଗାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଜଳ ଓ ପରିମଳ ବିଭାଗ ଆଦି ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଏହାକୁକୁ ପଞ୍ଚାୟତର ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ପଲାଇ ପରିଚାଳନା କରିଥିଲେ।

# 'ଘଟଣାର ଉପାଦାନରୁ ହିଁ ଗଳ୍ପର ଖସଡ଼ା ତିଆରି ହୁଏ'

## ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ଗଳ୍ପ ଆଲୋଚନାଚକ୍ର

**ରାଜନଗର, ୨।୫ (ଡି.ଏନ.ଏ.)**

ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆୟୋଜିତ ଏକ ଦିବସୀୟ ଗଳ୍ପ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ୩ଟି ସୋପାନ ବିଶିଷ୍ଟ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ପର୍ବରେ ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ କଥାକାର ତଥା ଅତିବଡୀ ଜଗନ୍ନାଥ ଦାସ ପୁରସ୍କୃତ ଡ. ରାମଚନ୍ଦ୍ର ବେହେରା ଯୋଗଦେଇ 'ସମକାଳୀନ ଓଡ଼ିଆ କଥା ସାହିତ୍ୟ' ଶୀର୍ଷକ ଆଲୋଚନା ପ୍ରସଙ୍ଗରେ ଅଭିମତ ରଖିଥିଲେ। ସେ କହିଥିଲେ, ମଣିଷ ଭିତରେ ବଞ୍ଚି ରହିବାର ଏକ ଅପ୍ରତିହତ ଇଚ୍ଛାଶକ୍ତି ରହିଅଛି। ତେଣୁ ସେ ମୃତ୍ୟୁର ବିଭୀଷିକା ମଧ୍ୟରେ ବଞ୍ଚିବା ବଡ଼ ହେବ, ବିକଶିତ, ପ୍ରକାଶିତ ହେବ ଏବଂ ନିଜକୁ ନିଜେ ଆହ୍ୱାନ ଦେବ। ଜଣେ ସ୍ରଷ୍ଟାର ଦାୟିତ୍ୱ ହେଉଛି, ସେ ମଣିଷର ପରାଜୟକୁ ପାଳନ କରିବ ନାହିଁ, ମାନବତାର ବିଜୟ ଉତ୍ସବ କରିବ। ଯେଉଁ ସାହିତ୍ୟ ମାନବୀୟ ଶକ୍ତିର ସାମର୍ଥ୍ୟର ପରାଜୟକୁ ସ୍ୱୀକାର କରେ ସେ ସାହିତ୍ୟ ସେତେବେଶୀ ସ୍ଥାୟୀ ହୁଏ ନାହିଁ। ଆମେ ଯେଉଁ ଚେତନା ନେଇ କାମ କରୁଛନ୍ତି ତାହାର ସ୍ୱରୂପ କ'ଣ ତାକୁ ଚିହ୍ନିବାକୁ ହେବ।



ଅନୁଷ୍ଠିତ ସଭାରେ ଯୋଗ ଦେଇଥିବା ସାହିତ୍ୟିକ ଓ ଅନ୍ୟମାନେ।

ଚେତନାର ଅଭ୍ୟନ୍ତରରେ ପ୍ରତିଟି ଘଟଣାର ସ୍ପନ୍ଦନକୁ ଅନୁଭବ କରିବାକୁ ହେବ। କୌଣସି ଘଟଣାକୁ ଶୁଣୁଶୁଣୁ, ପଢୁପଢୁ, ଦେଖୁଦେଖୁ ସ୍ରଷ୍ଟା ନିଜ ଭିତରର ସ୍ପନ୍ଦନ ପରିପ୍ରେକ୍ଷୀରେ ନିଜକୁ ନିଜେ ପଚାରିବ କାହିଁକି ମୋ ଭିତରେ ଏ ଉଦ୍‌ବେଳନ। ଏହି ଉତ୍ତର ଖୋଜାରେ ହିଁ ସ୍ରଷ୍ଟାପଣ ନିହିତ ଥାଏ ଏବଂ ଘଟଣାର ଉପାଦାନରୁ ହିଁ ଗଳ୍ପର ଖସଡା ତିଆରି ହୁଏ।

ମୁଖ୍ୟବକ୍ତା ଭାବେ ଯୋଗଦେଇ କଥାକାର ବିଜୟ ନାୟକ କହିଥିଲେ, ବିଶ୍ୱ କଥା ସାହିତ୍ୟର ଏଡଗାର ଏଲେନ ପୋ, ମୋଁପାସାଙ୍କୁ ଗଳ୍ପର ଜନକ କୁହାଯାଉଥିବା ପରି ଆମ ଓଡ଼ିଆ ଆଇ ମା' କାହାଣୀ ମଧ୍ୟ ପ୍ରାଚୀନତା ବହନ କରିଥାଏ। ଗପ କହିବା, ଶୁଣିବାର ପରମ୍ପରା ଆମର ନିଜସ୍ୱ। ସେହିପରି ଭାରତୀୟ କଥା ସାହିତ୍ୟରେ ବିଷ୍ଣୁ ଶର୍ମାଙ୍କ ପଞ୍ଚତନ୍ତ୍ର ଠୁଁ ଆରମ୍ଭ କରି କଥା ସରିତ ସାଗରର ପ୍ରାଚୀନତା ଆମ ଓଡ଼ିଆ ଅବୋଲକରା କାହାଣୀ ମଧ୍ୟ ବହନ କରୁଅଛି। ଯାହାକୁ ଥରେ ପଢିଦେଲେ ମନ ଭିତରେ ସ୍ଥାୟୀ ରୂପରେ ରହିଯାଏ ତାହାକୁ ଭଲ ଗପ କୁହାଯାଏ। ଗଳ୍ପରେ ବୌଦ୍ଧିକତା ରହିବ କିନ୍ତୁ ତାହା ପାଠକଙ୍କୁ ଛୁଇଁବା ଆବଶ୍ୟକ ଅଟେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ନିଜ ମାଟିର ଉନ୍ନତ ସାରସ୍ୱତ ପରମ୍ପରାର ତଥ୍ୟ ଉପସ୍ଥାପନ କରିଥିଲେ। ନାମାଚାର୍ଯ୍ୟ ବାୟା ବାବା, ବ୍ରହ୍ମା ଅବଧୂତ କ୍ଷେତ୍ରବାସୀ ବାବା ଯେ କେବଳ ସିଦ୍ଧି ସାଧନାର ଗୁରୁ ଥିଲେ ତାହା ନୁହେଁ, ସେମାନେ ଉନ୍ନତ ଆଧ୍ୟାତ୍ମିକ ସାହିତ୍ୟ ରଚନା କରି ମଣିଷ ଜୀବନର ମାର୍ଗ ଦେଖାଇ ଯାଇଛନ୍ତି। ଡ. ଜେନା କେନ୍ଦ୍ରାପଡ଼ା ମାଟିର ସମୃଦ୍ଧ ଗଳ୍ପ କାରିତାକୁ ପ୍ରଶଂସା କରିବା ସହ ଉତ୍ତର ଆଧୁନିକ ଓ ଆଧୁନିକ ସାହିତ୍ୟରେ ଥିବା ପ୍ରଭେଦ ସମ୍ପର୍କରେ ସୂଚନା ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସଭାରେ 'ଉତ୍ତର ଆଧୁନିକ ଓଡ଼ିଆ ଗଳ୍ପ ବିଭବ' ଶୀର୍ଷକ ଆଲୋଚନାରେ କଥାକାର ରବି ସ୍ୱାଇଁ ସଭାପତିତ୍ୱ କରିଥିଲେ। କବି ସମାଲୋଚକ ଡ. ଦିଲୀପ ସ୍ୱାଇଁ, କବି, ଆଲୋଚକ ଶତ୍ରୁଘ୍ନ ପାଣ୍ଡବ ଏବଂ କଥାକାର ଗୀରିଶ ଚନ୍ଦ୍ର ସାହୁ ଏହା ଉପରେ ମନ୍ତବ୍ୟ ରଖିଥିଲେ।

ଅନ୍ତିମ ସୋପାନରେ ସାହିତ୍ୟ ଏକାଡେମୀର ସଦସ୍ୟ କଥାକାର ଅତୁଳ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ 'ସମକାଳୀନ ଓଡ଼ିଆ କଥା ସାହିତ୍ୟ, ମୋ କଥା, ମୋ ଦୃଷ୍ଟି' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଆ ଆଧୁନିକ ଗଳ୍ପ ଧାରାରେ ପ୍ରତିଷ୍ଠିତ କଥାକାର ଚିତ୍ତରଞ୍ଜନ ଚିରିତ, ମାନସ ପଣ୍ଡା, ରଞ୍ଜନ କୁମାର ପ୍ରଧାନ, ପ୍ରଦୀପ ନାୟକ, ଜ୍ଞାନ ରଞ୍ଜନ ନାୟକ, ଅରବିନ୍ଦ ଧଳ, ଗାଳ୍ପିକା ସୁନନ୍ଦା ପ୍ରଧାନ, ଅଧ୍ୟାପକ ରତ୍ନାକର ନାୟକ ସେମାନେ ଗଳ୍ପ ଲେଖିବାର ଦୃଷ୍ଟି ଭଙ୍ଗୀ କେଉଁଠୁ ପାଆନ୍ତି ଏବଂ ତାଙ୍କର ଗଳ୍ପର ଆଧାର କ'ଣ ସେ ନେଇ ମତ ରଖିଥିଲେ।

କେନ୍ଦ୍ରାପଡ଼ା ଜିଲାର ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି କାର୍ଯ୍ୟକ୍ରମର ସୂଚନା ଦେଇଥିବା ବେଳେ ଯୁବକବି ପବିତ୍ର ବ୍ରହ୍ମପୁତ୍ର ନାୟକ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟ ଓ ବନଫୁଲ ସାହିତ୍ୟ ସଂସଦ, ରାଜନଗର ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଶିଷ୍ଟ ଗାଳ୍ପିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତଙ୍କ ଦେହାନ୍ତ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

## କନିଷ୍ଠଙ୍କୁ ପଦୋନ୍ନତି ଦେଇ ଅଡୁଆରେ ଚକବନ୍ଦୀ ବିଭାଗ

**କେନ୍ଦ୍ରାପଡ଼ା ଅଫିସ, ୨।୫**

କେନ୍ଦ୍ରାପଡ଼ା ଜିଲା ଚକବନ୍ଦୀ ବିଭାଗର କିରାଣି ପଦରେ କନିଷ୍ଠଙ୍କୁ ପଦୋନ୍ନତି ମିଳିଛି। ଏ ନେଇ ବିଭାଗୀୟ କିରାଣି ପ୍ରକାଶ ବେହେରା ଜିଲା ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ପତ୍ର ଦେଇ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ସେ ୧୯୮୭ ମସିହାରୁ କନିଷ୍ଠ କିରାଣିରେ ନିଯୁକ୍ତି ପାଇଥିଲେ। ୨୦୧୦ରେ ତାଙ୍କର ବରିଷ୍ଠ କିରାଣିକୁ ପଦୋନ୍ନତି ହୋଇଥିଲା। ସେହିପରି ଅନ୍ୟ ଜଣେ କର୍ମଚାରୀ ୧୯୯୯ରୁ ବରିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଛନ୍ତି। ଏହାସତ୍ତ୍ୱେ ୨୦୦୬ରେ ଜଣେ କର୍ମଚାରୀ ପିତାଙ୍କ ମୃତ୍ୟୁରେ ଚାକିରି ପାଇଥିବା ବେଳେ ତାଙ୍କୁ ମୁଖ୍ୟ କିରାଣି ପଦରେ ପଦୋନ୍ନତି ଦିଆଯାଇଛି, ଯାହା ଓଡ଼ିଶା ରିଜର୍ଭେଶନ ଅଫ ଭାକାନ୍ସି (ଓଆରଭି) ଆକ୍ଟକୁ ଉଲ୍ଲଘଂନ କରୁଛି। ଏ ନେଇ ଗତ ଜାନୁୟାରୀ ୨୫ରେ ଶୁଣାଣି ହେବାକୁ ଥିଲା। ଏଥିରେ ଅଭିଯୋଗକାରୀ ଉପସ୍ଥିତ ଥିବା ବେଳେ ମୁଖ୍ୟ କିରାଣି ପଦରେ ନିଯୁକ୍ତ ବ୍ୟକ୍ତି ଯୋଗ ଦେଇ ନ ଥିଲେ। ଇତିମଧ୍ୟରେ ୨ ମାସ ବିତି ଯାଇଥିଲେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶିଥିଳ ଥିବାରୁ ମାନସିକ ନିର୍ଯାତନା ପାଉଥିବା ଅଭିଯୋଗକାରୀ ବେହେରା ପ୍ରକାଶ କରିଛନ୍ତି।

## ରାଘପୁରରେ ପଲ୍ଲୀରେ ପ୍ରଶାସନ

**ମାର୍ଶାଘାଇ, ୨।୫(ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ରାଘବପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଡିଓ ଉମାଶଙ୍କର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ମୋଟ ୬୧୩ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନାରେ ଘର, ପାନୀୟଜଳ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବ୍ୟାଙ୍କ ଋଣ, ଆଧାର କାର୍ଡ ସମ୍ବନ୍ଧୀୟ ଅଭିଯୋଗକୁ ବିଚାର ପାଇଁ ନିଆଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ଷ୍ଟଲ୍ ଖୋଲା ଯାଇ ଅଣସଂଗଠିତ ଶ୍ରମିକ ପଞ୍ଜୀକରଣ, ସୁକନ୍ୟା ସମୃଦ୍ଧି ଯୋଜନା, ଶିଶୁ ଟୀକାକାରଣ, ପ୍ରାଣୀ ଚିକିତ୍ସା, ଆଧାର ପଞ୍ଜୀକରଣ ଓ ମାଟି, ପାଣି ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଉପାଧକ୍ଷା ଉର୍ମିଳା ମହାନ୍ତି, ଅତିରିକ୍ତ ତହସିଲଦାର ଅଶୋକ କୁମାର ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ, ସରପଞ୍ଚ ରମେଶ ଚନ୍ଦ୍ର ମହାନ୍ତି, ବିଡିଓ ସୌଭାଗ୍ୟ ରଞ୍ଜନ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶିକ୍ଷକ ଅଭାବ

## ପଦବୀ ପୂରଣ ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ପୂର୍ବତନ ମନ୍ତ୍ରୀଙ୍କ ଚିଠି

**କେନ୍ଦ୍ରାପଡ଼ା ଅଫିସ, ୨।୫**

କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଛି। ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁଙ୍କୁ ପୂର୍ବତନ ଶିକ୍ଷା ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା ସୋମବାର ଚିଠି ଲେଖିଛନ୍ତି। ଏ ସମ୍ପର୍କରେ କଂଗ୍ରେସ ନେତା ବେହେରା କହିଛନ୍ତ, ରାଜ୍ୟର ସୀମିତ ଶିକ୍ଷାନୁଷ୍ଠାନ କ୍ଷେତ୍ର ମଧ୍ୟରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିଜର ଅସ୍ମିତା ସର୍ବଦା ବଜାୟ ରଖିଛି। ଏହାସତ୍ତ୍ୱେ ମହାବିଦ୍ୟାଳୟର ଶିକ୍ଷକ ଅଭାବ ଶିକ୍ଷାର୍ଥୀଙ୍କ ଶିକ୍ଷାଦାନ କ୍ଷେତ୍ରରେ ଅଭାବ ପରିଲକ୍ଷିତ ହେଉଛି। ଏଠାରେ ସ୍ନାତକ ଓ ସ୍ନାତୋକତରର ୨୦ଟି ବିଭାଗ ଅଛି। ଏଥିପାଇଁ ୧୧୦ଟି ଶିକ୍ଷକ ପଦବୀକୁ ମଞ୍ଜୁରୀ ଦିଆଯାଇଛି। ତେବେ ଏବେ ସୁଦ୍ଧା ୫୮ଟି ଶିକ୍ଷକ ପଦବୀ ପୂରଣ ହୋଇପାରିନାହିଁ। ଏପରି କି ସଂସ୍କୃତ, ଫିଲୋସଫି, ଜୋଗ୍ରାଫି, କେମେଷ୍ଟ୍ରି, ଇକୋନୋମିକ୍ସ, ରାଜନୀତି ବିଜ୍ଞାନ ଓ ଇଂରାଜି ବିଭାଗରେ ୬୦ ପ୍ରତିଶତ ଶିକ୍ଷକ ନାହାନ୍ତି। ୫୦୦୦ ଶିକ୍ଷାର୍ଥୀ ଥିବା ଏହି ମହାବିଦ୍ୟାଳୟର ଶିକ୍ଷାଦାନ ପାଇଁ ଆବଶ୍ୟକ ଶିକ୍ଷକ ଯୋଗାଇ ଦେବାକୁ ସେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସାହୁଙ୍କୁ ଚିଠି କରିଥିବା ପ୍ରକାଶ କରିଛନ୍ତି।

# ପ୍ରତିଶ୍ରୁତି ନୁହେଁ ଶ୍ରମିକଙ୍କ ସମସ୍ୟାର ସମାଧାନ ଆବଶ୍ୟକ


ଶ୍ରମିକ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

**କେନ୍ଦ୍ରାପଡ଼ା ଅଫିସ, ୨।୫**

କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକଙ୍କ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ତେବେ ଏହା ତୃଣମୂଳସ୍ତରର ଶ୍ରମିକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏଥିପାଇଁ ପ୍ରଶାସନିକ ଅଧିକାରୀ ଓ ରାଜନେତା ତତ୍ପରତା ଦେଖାଉ ନାହାନ୍ତି ବୋଲି ରବିବାର ଶ୍ରମିକ ଦିବସ ପାଳନ ଅବସରରେ ବିଭିନ୍ନ ସଭାର ଅତିଥିମାନେ ମତ ରଖିଛନ୍ତି। ସହରର କାକଟସ୍ଥିତ ଏକ କଲ୍ୟାଣ ମଣ୍ଡପରେ ୟୁନାଇଟେଡ ଇଲେକ୍ଟ୍ରିକ ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ଆୟୋଜିତ ସଭାକୁ ସଭାପତି ରାଜୀବ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ପୌରାଧକ୍ଷା ସରିତା ସାହୁ, କଟକ ମେୟର ସୁଭାସ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ଗୋପଛକଠାରେ ଏଆଇଟିସିୟୁ ପକ୍ଷରୁ ଆୟୋଜିତ ସଭାରେ ଭଜହରି ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅମିତାରାଣୀ ନାୟକ, ରମଣୀ ରଞ୍ଜନ ରାଉତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ପାଟକୁରା ପଞ୍ଚାୟତରେ ୨୫୯ ଅଭିଯୋଗ ଶୁଣାଣି

**ପାଟକୁରା ୨।୫ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ପାଟକୁରା ପଞ୍ଚାୟତର ସିଙ୍ଗିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ ଓ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ବ୍ଲକ ଚେୟାରମ୍ୟାନ ଅଭୟ କୁମାର ମହାରାଜ, ବିଡିଓ ରଞ୍ଜିତ କୁମାର ମଲିକ, ତହସିଲଦାର ସନ୍ତୋଷ କୁମାର ସାହୁ, ସରପଞ୍ଚ ମିତାଳୀ ମହାନ୍ତି, ସମିତି ସଭ୍ୟ ରାକେଶ ମହାପାତ୍ର ଉପସ୍ଥିତ ଥିଲେ। ଏଥିରେ ୨୫୯ ଟି ଅଭିଯୋଗର ଶୁଣାଣି ହୋଇଥିଲା। ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ୨୭୧ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣରେ ଔଷଧ ବଣ୍ଟନ କରାଯାଇଥିଲା। ପ୍ରାଣୀଧନ ବିଭାଗ ପକ୍ଷରୁ ୧୦୦ ଗୋରୁଙ୍କୁ ଟିକା ଦିଆଯାଇଥିଲା। ଶିବିରରେ ୩୦୬ ଜଣ ଅଣକୁଶଳୀ ଶ୍ରମିକଙ୍କୁ ବୀମାଭୁକ୍ତ, ୭୨ ଜଣଙ୍କର ସ୍ୱାସ୍ଥ୍ୟ ପରିଚୟ ପତ୍ର , ସୁକନ୍ୟା ସମୃଦ୍ଧି ଯୋଜନାରେ ୧୫ ଜଣଙ୍କୁ ସାମିଲ, ୩୦ ଜଣଙ୍କର ନୂତନ ଆଧାର କାର୍ଡ, ୩୩ ଜଣ ଚାଷୀଙ୍କର ଚାଷ ଜମିର ମାଟି


ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ବିଡିଓଙ୍କ ସହ ଅନ୍ୟ ଅଧିକାରୀମାନେ।

### ୩୦୬ ଅଣକୁଶଳୀ ଶ୍ରମିକ ବୀମାଭୁକ୍ତ

ପରୀକ୍ଷା କରାଯାଇ ସାର୍ଟିଫିକେଟ୍ ପ୍ରଦାନ, ୨୭ଜଣ ମତ୍ସ୍ୟଜୀବୀଙ୍କର ପୋଖରୀର ପାଣି ପରୀକ୍ଷା କରାଯାଇ ପାଣିର ମାନ ନିର୍ଦ୍ଧାରଣ କରାଯାଇଥିଲା। ଏଥିସହ ୫ ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ, ୯ ଜଣ ବେକାର ଯୁବତୀଯୁବକଙ୍କୁ ତାଲିମ ପାଇଁ ମନୋନୀତ, ବିଭିନ୍ନ ବିଭାଗର ୧୪ ଗୋଟି ଷ୍ଟଲ ଖୋଲାଯାଇ ସମ୍ପୃକ୍ତ ବିଭାଗ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇ ବିଭାଗର ସୁବିଧା ଯୋଗେଇ ଦିଆଯାଇଥିଲା। ସେଗୁଡ଼ିକ ହେଲା ଜମିଜମା ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ ବିଭାଗ, ଶ୍ରମିକ ବିଭାଗ, କୋଭିଡ୍ ଟିକାକରଣ-୧୯, କୃଷି ବିଭାଗର ପି.ଏମ.କିଷାନ ଓ କାଳିଆ ଯୋଜନା, ଅଣସଙ୍ଗଠିତ ଶ୍ରମିକ, ସାମାଜିକ ସୁରକ୍ଷା ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା, ନିୟୋଜନ ବିଭାଗ, ମିଶନ ଶକ୍ତି, ସମନ୍ୱିତ ଶିଶୁ ବିକାଶ, ସ୍ୱାସ୍ଥ୍ୟ ପରିଚୟ ପତ୍ର। ଉକ୍ତ ଶିବିରରେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା ନିରଞ୍ଜନ କର, ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଏବିଡିଓ ପ୍ରଶାନ୍ତ କୁମାର ଜେନା, ମତ୍ସ୍ୟ ଅଧିକାରୀ ଶକର୍ଷଣ ପଣ୍ଡା, ଯୋଗାଣ ନିରୀକ୍ଷକ ସ୍ୱରୁପ ନାୟକ, ଏପିଓ ଆଲୋକ ପତି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଯଅଁରାବାରିମୂଳରେ ୩୬୫ ଅଭିଯୋଗ

**ଡେରାବିଶ, ୨।୫ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏଥିରେ ବିଡିଓ ଗୋପବନ୍ଧୁ ଭୋସାଗର, ତହସିଲଦାର ନମିତା ବାରିକ, ଏବିଡିଓ ଭଞ୍ଜକିଶୋର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ସରପଞ୍ଚ ଶଙ୍କର୍ଷଣ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତରେ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇଥିବା ୩୬୫ ଜଣ ହିତାଧିକାରୀ ଅଭିଯୋଗ କରିଥିଲେ। ଏହି ଅବସରରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ହରିଅଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିରର କରାଯାଇ ବିଭିନ୍ନ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ପଞ୍ଚାୟତର ତିହଡ଼ା ଗାଁର ଭିନ୍ନକ୍ଷମ କବିନ୍ଦ୍ର ସାହୁ (୪୮)ଙ୍କର ଟ୍ରାଇ ସାଇକେଲ୍ ପାଇବାକୁ ବିଡିଓଙ୍କ ନିକଟରେ ଆବେଦନ କରିଥିଲେ। ବିଡିଓ ନିୟମ ଅନୁଯାୟୀ, ଶିବିରରେ ଉପସ୍ଥିତ ଥିବା ହରିଅଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅଭିପ୍ସା ପ୍ରିୟଦର୍ଶିନୀ ଭିନ୍ନକ୍ଷମ ବ୍ୟକ୍ତି ସ୍ୱାସ୍ଥ୍ୟ ପରୀକ୍ଷା କରି ଫର୍ମରେ ସ୍ୱାକ୍ଷର ପାଇଁ ପଠାଇଥିଲେ। ମାତ୍ର ଡାକ୍ତର ଅଭିପ୍ସା ଏଭଳି ସରକାରୀ ନିୟମ ନାହିଁ ବୋଲି କହି ଭିନ୍ନକ୍ଷମ କବିନ୍ଦ୍ରଙ୍କ ଫର୍ମରେ ସ୍ୱାକ୍ଷର ନ କରି ଫେରାଇ ଦେଇଥିଲେ। ଏହାକୁ ନେଇ ଶିବିରରେ କିଛି ସମୟ ପାଇଁ ସାଧାରଣରେ ହଟ୍ଟଗୋଳ ହୋଇଥିଲା। ତେବେ ଉପାଧକ୍ଷ ଆଚାର୍ଯ୍ୟଙ୍କ ହସ୍ତକ୍ଷେପ ଫଳରେ ସମ୍ପୃକ୍ତ ଡାକ୍ତର ଭିନ୍ନକ୍ଷମ ବ୍ୟକ୍ତିଙ୍କ ଫର୍ମରେ ସ୍ୱାକ୍ଷର କରିବା ପରେ ଅବସ୍ଥା ଶାନ୍ତ ପଡ଼ିଥିଲା। ଶିବିର ପରିଚାଳନାରେ ରଜତ ବଳ, କୈଳାସ ପରିଡ଼ା, ଜୟନ୍ତ ବଳ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ରମେଶ ଚନ୍ଦ୍ର ରାଉତ, ବୈଷ୍ଣବ ଚରଣ ସ୍ୱାଇଁ, ନାଏବ ସରପଞ୍ଚ ସତ୍ୟଭାମା ନାୟକ ଓ ସମସ୍ତ ୱାର୍ଡ଼ ସଭ୍ୟାସଭ୍ୟ ସହଯୋଗ କରିଥିଲେ।

# ଡକାୟତଙ୍କ ଆକ୍ରମଣରେ ପୁଅ, ବୋହୂ ଗୁରୁତର

## ସୁନା ଅଳଙ୍କାର, ଟଙ୍କା ଲୁଟ୍

**ପଟ୍ଟାମୁଣ୍ଡାଇ, ୨।୫(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଧୋୟାଅଞ୍ଚଳର ସାମାଜିକ କର୍ମୀ ତଥା ଡା. ଗଦାଧର ମଲ୍ଲିକଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଚଉଦକୁଲାଟ ଫାଣ୍ଡି ଓ ପଟ୍ଟାମୁଣ୍ଡାଇ ପୋଲିସ ଛାନ୍‌ଭିନ୍ ଚଳାଇ ଥିବାବେଳେ ଅଦ୍ୟାବଧି ଡକାୟତଙ୍କ ସନ୍ଧାନ ମିଳିପାରି ନାହିଁ। ଏହି ଘଟଣା ଶନିବାର ସନ୍ଧ୍ୟାରେ ଘଟିଥିଲା। ଧୋୟାଅଞ୍ଚଳର ବଲୁରିଆ-ଅଳପୁଆ ବ୍ୟସ୍ତବହୁଳ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଡା. ମଲ୍ଲିକଙ୍କ ଘରୁ ସନ୍ଧ୍ୟାରେ ଡକାୟତି ହୋଇଛି। ସନ୍ଧ୍ୟାରେ ଡା. ମଲ୍ଲିକ ତାଙ୍କ ବଲୁରିଆ ଛକରେ ଥିବା କ୍ଲିନିକ୍‌ରେ ରୋଗୀଙ୍କୁ ଚିକିତ୍ସା କରୁଥିବାବେଳେ ଘରେ ପୁଅ ଦେବାଶିଷ, ବୋହୂ ମମତା ଓ ନାତୁଣୀ ତପସ୍ୱିନୀ ଥିଲେ। ୪ ଜଣ ଡକାୟତ ପିସ୍ତଲ, ଭୁଜାଲି ଓ ଅନ୍ୟ ମାରଣାସ୍ତ୍ରରେ ସଜ୍ଜିତ ହୋଇ ଡା. ମଲ୍ଲିକଙ୍କ ଘରେ ପ୍ରବେଶ କରିଥିଲେ। ପରିବାର ଲୋକ କିଛି ବୁଝିବା ପୂର୍ବରୁ ଡକାୟତମାନେ ପିସ୍ତଲରେ ଆକ୍ରମଣ କରି ଡା. ମଲ୍ଲିକଙ୍କ ପୁଅ ଦେବାଶିଷଙ୍କ ମୁଣ୍ଡକୁ ଫଟାଇ ଦେବା ସହ ଟଙ୍କା, ସୁନା ମାଗିଥିଲେ। ଘରେ ଉପସ୍ଥିତ ଥିବା ବୋହୂ ମମତା ପ୍ରତିରୋଧ କରିବାରୁ ତାଙ୍କୁ ଡକାୟତମାନେ ବାଡ଼ିଆପିଟା କରିଥିଲେ। ୪ ଡକାୟତଙ୍କ ମଧ୍ୟରୁ ଜଣେ ଗେଟ ପାଖରେ ଜଗି ରହିଥିବାବେଳେ ୩ ଜଣ ଘରେ ପଶି ଲୁଟପାଟ୍ କରିଥିଲେ। ଘରେ ଥିବା ନଗଦ ୪୦ ହଜାର ଟଙ୍କା, ୩ଟି ସୁନା ମୁଦି, ସୁନାବଳା, ୨ ହଳ ଚୁଡ଼ି, କାନଫୁଲ, ନାତୁଣୀ ତପସ୍ୱିନୀଙ୍କ କାନଫୁଲ ଓ ଦାମୀ ଲୁଗାପଟା, ସାଲ ଇତ୍ୟାଦି ଲୁଟି ନେଇଥିଲେ। ତାଙ୍କ ଘର ପାଖରେ କୌଣସି ବ୍ୟକ୍ତିଙ୍କ ଘର ନ ଥିବାରୁ ତାଙ୍କ ପୁଅ-ବୋହୂଙ୍କ ପାଟି ଗ୍ରାମ ଲୋକମାନେ ଶୁଣି ପାରି ନ ଥିଲେ। ଡକାୟତମାନେ ମଧ୍ୟ ଘରର ୨ଟି ମୋବାଇଲ ଫୋନକୁ ନେଇଯାଇଛନ୍ତି। ପୋଲିସ ମୋବାଇଲ ଟ୍ରାକିଂ କରିଥିଲେ ହେଁ ଡକାୟତମାନେ ତାହାକୁ ସୁଇଚ୍ ଅଫ୍ କରି ଦେଇଥିବାରୁ ଇନ୍ଦୁପୁରର କୁତରଙ୍ଗ ନିକଟ ତୋଲଜମରାଠାରୁ ଏହି ମୋବାଇଲର ସିଗ୍‌ନାଲ ଆଉ ଜଣାପଡି ନ ଥିଲା। ତେବେ ଡକାୟତି ଘଟଣା ସମ୍ପର୍କରେ ଡା. ମଲ୍ଲିକ ଚଉଦକୁଲାଟ ଫାଣ୍ଡି ପୋଲିସକୁ ତତ୍‌କ୍ଷଣାତ୍ ଫୋନ୍ ଯୋଗେ ଖବର ଦେବାକୁ ଚାହିଁଥିଲେ ହେଁ ପୋଲିସ ଫୋନ ରିସିଭ କରି ନ ଥିବା କାରଣରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପରେ ଡକାୟତି ସମ୍ପର୍କରେ ଖବର ପାଇ କେନ୍ଦ୍ରାପଡା ଏସ୍‌ପି ମଡକର ସନ୍ଦିପ ସମ୍ପଦଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ଆଦର୍ଶ ଥାନା ଆଇଆଇସି ତପନ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପୋଲିସ ରବିବାର ଅପରାହ୍ନରେ ଫୋରେନସିକ ଟିମ ସହାୟତାରେ ଘଟଣାର ଛାନ୍‌ଭିନ୍ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଡକାୟତମାନେ ଶୀଘ୍ର ଧରାପଡିବେ ବୋଲି ଆଇଆଇସି ରାଉତ କହିଛନ୍ତି।

# ଦ୍ରୁତ ତଟକ୍ଷୟ ସାମୁଦ୍ରିକ ଜୀବ ପାଇଁ ଅଭିଶାପ

## ଗହୀରମଥା କଇଁଛ ସୁରକ୍ଷା ସମିତିର ବାର୍ଷିକୋତ୍ସବ

**କେନ୍ଦ୍ରାପଡ଼ା ଅଫିସ/ମହାକାଳପଡ଼ା, ୨।୫ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା କଇଁଛ ସୁରକ୍ଷା ସମିତି ବାର୍ଷିକୋତ୍ସବ ସୁନିତି ପଞ୍ଚାୟତ ଜଗତିଜୋର ହାଟ ନିକଟ ବାତ୍ୟା ଆଶ୍ରୟସ୍ଥଳଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ସତ୍ୟପ୍ରକାଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ସହ ଅତିଥିମାନେ ସାମୁଦ୍ରିକ ତଟକ୍ଷୟର ନିରାକରଣକୁ ଗୁରୁତ୍ୱ ଦେଇଥିଲେ। ଦ୍ରୁତ ତଟକ୍ଷୟ ସାମୁଦ୍ରିକ ଜୀବ ଓ ତାଟାଞ୍ଚଳବାସୀଙ୍କ ପାଇଁ ଅଭିଶାପ ବୋଲି ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଉତ୍ସବକୁ ମୁଖ୍ୟଅତିଥି ଭାବେ ପୂର୍ବତଟ ବିଭାଗ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ତଥା ବରିଷ୍ଠ କବି ନିରାକାର ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ବୁଦ୍ଧିଜୀବୀ ଅରୁଣ କୁମାର କାନୁନ୍‌ଗୋ, ଅବନ୍ତୀ ବେହେରା, ଜଗନ୍ନାଥ ଧଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରକାଶ କରିଥିଲେ, ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥଳ ଗହୀରମଥା ଏବେ ବିଶ୍ୱ ପର୍ଯ୍ୟଟକଙ୍କ ସହ ପରିବେଶବିତ୍‌ଙ୍କ ଆକର୍ଷଣ ସାଜିଛି। ଏହି କଇଁଛଙ୍କ ଆଗମନ ଓ ପ୍ରସ୍ଥାନକୁ ନେଇ ଏବେ ଜୀବ ବିଜ୍ଞାନୀ ଅନ୍ଧାରରେ ଅଛନ୍ତି। ଏହି ସଂରକ୍ଷିତ ଜୀବଙ୍କ ପାଇଁ ଗହୀରମଥାର ଦ୍ରୁତ ତଟକ୍ଷୟ ବାଧକ ସାଜିଛି। ପ୍ରଜନନ ସ୍ଥଳ ସଙ୍କୁଚିତ ହୋଇଥିବା ବେଳେ ଧୀବରଙ୍କ ଜାଲ ମୃତ୍ୟୁର କାରଣ ହେଉଛି। ଦ୍ରୁତ ତଟକ୍ଷୟ ରୋକିବାକୁ ହେନ୍ତାଳବଣ ଜରୁରୀ ହୋଇ ପଡିଛି। ହେନ୍ତାଳବଣ ତଟାଞ୍ଚଳବାସୀଙ୍କ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଚୀର ହୋଇଛି। ଏହାର ଧ୍ୱଂସ କାରଣରୁ ପୂର୍ବରୁ କୋଣାର୍କ ନିକଟର ରାମଚଣ୍ଡୀ ମନ୍ଦିରରେ ସାମୂହିକ ଭାବେ ଅଲିଭ୍ ରିଡ୍‌ଲେଙ୍କ ଆଗମନ ୨୦୧୨ ମସିହାରୁ ବନ୍ଦ ହୋଇଛି। କଇଁଛଙ୍କୁ ସୁରକ୍ଷା ଦେବା ସହ ହେନ୍ତାଳବଣ ସୃଷ୍ଟି କରି ତଟାଞ୍ଚଳ କ୍ଷୟକୁ ରୋକିବାକୁ ପଡିବ। ଏହି ସମସ୍ୟାର ସମାଧାନ ନ ହେଲେ ତଟାଞ୍ଚଳ ସାତଭାୟାର ବହୁ ଗ୍ରାମ ସମୁଦ୍ର ଗର୍ଭରେ ଲୀନ ହେବା ପରି ଆଗାମୀ ୫ରୁ ୧୦ ବର୍ଷ ମଧ୍ୟରେ ସ୍ଥାନୀୟ ଲୋକ ବିସ୍ଥାପିତ ହେବେ।


ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଏଥିସହ ଗହୀରମଥା ସମୁଦ୍ରାଞ୍ଚଳକୁ ସଫା ରଖିବା, ଡ୍ରୋନ୍ ଦ୍ୱାରା ତଟକ୍ଷୟ ଓ କଇଁଛ, ଡଲ୍‌ଫିନ ଆଦିଙ୍କୁ ସର୍ଭେଲାନ୍ସରେ ରଖିବା, ସାମୁଦ୍ରିକ ଜୀବ ବିଜ୍ଞାନ କେନ୍ଦ୍ର ଓ ପାଠଶାଳା କେନ୍ଦ୍ର ସ୍ଥାପନ କରିବା ଆଦି ପ୍ରସ୍ତାବକୁ ଅତିଥିମାନେ ଉତ୍‌ଥାପନ କରିଥିଲେ। ସମ୍ପାଦକ ହେମନ୍ତ କୁମାର ରାଉତ ସମିତିର ବାର୍ଷିକ ବିବରଣୀ ଉପସ୍ଥାପନ କରିବା ସହ ସଙ୍ଗଠନକୁ ମଜଭୁତ ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ିଥିଲେ। ଏହି ଅବସରରେ ବୈକୁଣ୍ଠନାଥ ସ୍ୱାଇଁ, ଶିକ୍ଷାବିତ୍ ବିଦ୍ୟୁତ୍ କୁମାର ଖୁଣ୍ଟିଆ, ବାଣୀଭୂଷଣ ନାୟକ, ଚାରୁଲତା ଭୂୟାଁ, ମନୋଜ କୁମାର ସୁତାର, ମନୋଜ କୁମାର ପାତ୍ରଙ୍କ ସହ ସ୍ଥାନୀୟ ଅଞ୍ଚଳର ୧୭ ଜଣ ବୁଦ୍ଧିଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାକୁ ସମିତିର କାର୍ଯ୍ୟକର୍ତ୍ତା ବିରଞ୍ଚି ନାରାୟଣ ଦାସ, ଅଶୋକ କୁମାର ସ୍ୱାଇଁ, କଳ୍ପତରୁ ସାମଲ, ପ୍ରଭୁପ୍ରସାଦ ମହାପାତ୍ର, ସତ୍ୟବ୍ରତ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବ୍ୟଙ୍ଗକାର ମନୋରଞ୍ଜନଙ୍କୁ ଉତ୍କଳ ଘଣ୍ଟ ହାସ୍ୟ ରସିକ ସ୍ମୃତି ସମ୍ମାନ

**ନୟାଗଡ ଅଫିସ,୨।୫:** ନୟାଗଡ଼ ଜିଲାର କଳା, ସାହିତ୍ୟ ଓ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ମେ ୧ ତାରିଖ ବିଶ୍ୱ ହାସ୍ୟ ଦିବସରେ ଉତ୍କଳ ଘଣ୍ଟ କବି ଯଦୁମଣି ହାସ୍ୟ ରସିକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ମଞ୍ଚର ସଭାପତି ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଓଡ଼ିଶାର ପ୍ରତିଷ୍ଠିତ ବ୍ୟଙ୍ଗକାର ତଥା ବରଗଡର ମନୋରଞ୍ଜନ ସାହୁ (ମନ ମାଷ୍ଟ୍ରେ)ଙ୍କୁ ରାଜ୍ୟସ୍ତରୀୟ ଉତ୍କଳ ଘଣ୍ଟ ହାସ୍ୟ ରସିକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କୁ ୨୧ ହଜାର ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଛି। ଏ ଅବସରରେ ସନ୍ଧ୍ୟାରେ ପୁରୁଣା ସହର ଶ୍ରୀଜଗନ୍ନାଥ ମନ୍ଦିର ସଂସ୍କୃତି ମଞ୍ଚରେ ହସି ହସାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଦାଶ ବେନହୂର ଯୋଗଦେଇ ଯଦୁମଣିଙ୍କ ଜୀବନୀ ଓ କାବ୍ୟ କବିତା ଉପରେ ଟିପ୍ପଣୀ ଦେଇ ତାଙ୍କର ସ୍ମୃତି ଚାରଣ କରିଥିଲେ। ସମ୍ମାନିତ ଅତିଥି ରୂପେ ପୌରପାଳ ନିରୂପମା ଖଟେଇ ଯୋଗଦେଇ କଳା, ସାହିତ୍ୟ ଓ ସଂସ୍କୃତିର ମାଟି ନୟାଗଡ଼ ଉପରେ ମତବ୍ୟକ୍ତ କରିଥିଲେ। ଶେଷ ପର୍ଯ୍ୟାୟରେ ଓଡ଼ିଶାର ବିଶିଷ୍ଟ ହାସ୍ୟ କଳାକାର ଜ୍ଞାନ ହୋତା, ବ୍ୟଙ୍ଗ କବି ସତ୍ୟାନାଶ, ବୋଲଗଡ଼ ଏକ୍ସପ୍ରେସ, ରବୀନ୍ଦ୍ର, ଆର୍ତ୍ତତ୍ରାଣ, ବିଭୁ, ବାଳକୃଷ୍ଣ, କୁଳାଙ୍ଗାର, ଉମାକାନ୍ତ ପ୍ରମୁଖ ଉପସ୍ଥିତ ରହି ହାସ୍ୟ ଦରବାରରେ ହସାଇ ଚାଲିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ନିର୍ମଳ ଶୂରଦେଓ, କାର୍ଯ୍ୟକାରୀ ସଭାପତି ନାଟ୍ୟଭୂଷଣ ବିଜୟ ଚୌଧୁରୀ, ନାଟ୍ୟକାର ତଥା ସାହିତ୍ୟିକ ବିଶ୍ୱନାଥ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ବିକାଶ ମଞ୍ଚ ଟ୍ରଷ୍ଟି ତଥା କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ଏବଂ କବି ଶେଖ ଅବଦୁଲ ଖାଲିକ ପ୍ରମୁଖ ଏହାକୁ

### ତାରିଣୀଙ୍କ ୧୧ତମ ବାର୍ଷିକୋତ୍ସବ

**ଖଣ୍ଡପଡା,୨।୫(ସ୍ୱ.ପ୍ର.):** କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ସମ୍ମୁଖ ମା'ତାରିଣୀଙ୍କ ୧୧ତମ ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୭ଟାରେ କଳସ ଶୋଭାଯାତ୍ରାରେ ମହାନଦୀରୁ ଜଳ ଅଣାଯାଇ ମନ୍ଦିର ପରିସରରେ ସ୍ଥାପନ କରାଯାଇଥିଲା। ପରେ ସୂର୍ଯ୍ୟ ପୂଜା ସହ ଘୃତଯଜ୍ଞ, ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ସାଢେ ୪ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ମହିଳା ମଣ୍ଡଳ ପକ୍ଷରୁ ସଙ୍କୀର୍ତ୍ତନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠାତା ଧ୍ରୁବ ଚରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଦେଖିବାକୁ ଶ୍ରଦ୍ଧାଳୁ ସମାଗମ ହୋଇଥିଲା।



ମନ୍ଦିର ବାର୍ଷିକୋତ୍ସବରେ କଳସ ଶୋଭାଯାତ୍ରା।

# ଚିନ୍ତାରେ ଚାଷୀ : ନାହିଁ ପାଖରେ ବିହନ

## ହଜିଗଲାଣି ଅଖିମୁଠିର ପରମ୍ପରା

**ନୟାଗଡ଼ ଅଫିସ୨।୫**

କୃଷି ଓ କୃଷକଙ୍କ ଆଦ୍ୟପର୍ବ ଅକ୍ଷୟ ତୃତୀୟା। ଯାହାକି ଅନୁକୂଳର ତିଥି, ମୁଠି ଛୁଆଁ ପର୍ବ ରୂପେ ପରିଚିତ। କେଉଁ ପୂର୍ବପୁରୁଷରୁ ଏହି ପର୍ବ ଓଡ଼ିଶାର ପୁରପଲ୍ଲୀରେ ପାଳିତ ହୋଇ ଆସୁଛି। ଶାସ୍ତ୍ର ମତରେ, ଏହି ଦିବସରେ ବିଶ୍ୱ ଜନଜୀବନ ବଞ୍ଚିବା ଉଦ୍ଦେଶ୍ୟରେ ଦେବତାମାନେ ଶସ୍ୟ ବୀଜଦାନ କରିଥିଲେ ମାନବ ଜଗତକୁ। ସେହି ଦୃଷ୍ଟି କୋଣରୁ ଏହି ଦିବସକୁ ପ୍ରାଧାନ୍ୟ ଦିଆଯାଇଛି। ପ୍ରତ୍ୟେକ ବର୍ଷ ବୈଶାଖ ମାସର ଶୁକ୍ଳ ତୃତୀୟା ଦିନଟି ଏକ ଶୁଭ ତିଥି ହୋଇଥିବାରୁ ଏହି ତିଥିରେ ଭୂମି ଓ ଶସ୍ୟ ପୂଜା କରାଯାଇଥାଏ। ତେବେ ପୂର୍ବରୁ ଯେପରି ପରମ୍ପରା ମୁତାବକ ଏହି ପର୍ବ ପାଳନ କରାଯାଉଥିଲା ଏବେ ସେଥିରେ ଫିକା ପଡିଗଲାଣି। ଏହାକୁ ସରକାରୀ ଓ ବେସରକାରୀ ଭାବେ ପୁନରୁଦ୍ଧାର ଉଦ୍ଦେଶ୍ୟରେ ଭୂମି ପୂଜା, ଅଖିମୁଠି ଅନୁକୂଳ, ଭଜନ କୀର୍ତ୍ତନ, ସଭା ଓ ଚାଷୀଙ୍କୁ ସମ୍ବର୍ଦ୍ଧନା କରାଯାଇ ଲୋକ ଦେଖାଣିଆ ଭାବେ ଏବେ ଏହା ପାଳନ କରାଯାଉଛି। ଏଣୁ ଏହି ମହାନ ପର୍ବ ଅଖିମୁଠିର ପରମ୍ପରା ଜିଲାରେ ହଜିଯିବାକୁ ବସିଛି। ଅନ୍ୟପକ୍ଷେ ରାତି ପାହିଲେ ଅକ୍ଷୟ ତୃତୀୟା ହୋଇଥିଲେ ମଧ୍ୟ ପ୍ରାଥମିକ କୃଷି ସମବାୟ ସମିତିକୁ ସରକାରୀ ଧାନ ବିହନ ଏଯାବତ ଆସିନାହିଁ। ଚାଷୀଙ୍କ ପାଖରେ ମଧ୍ୟ ଧାନ ବିହନ ନାହିଁ। ଗତବର୍ଷ ବାତ୍ୟା ଜୱାଦ ଯୋଗୁ ଧାନ ଫସଲ ନଷ୍ଟ ହୋଇଗଲା। ଏଣୁ ଚାଷୀ ବିହନ ରଖି ପାରିଲେ ନାହିଁ।

ଚଳିତବର୍ଷ ବିହନ କେଉଁଆଡୁ ଆସିବ, ଚାଷ କିପରି ହେବ, ଚାଷୀଙ୍କୁ ଚିନ୍ତା ଘାରିଛି। ସେହିପରି କୃଷି ବିଭାଗ ପକ୍ଷରୁ ଏଯାବତ ଖରିଫ ଚାଷ ପାଇଁ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇନାହିଁ। ଜିଲାରେ କେତେ ଜମିରେ ଧାନ ଚାଷ ହେବ ତା'ର ଲକ୍ଷ୍ୟ ଜଣାପଡିନି। ଜଣାଯାଇଛି ୨୦୧୮ରେ ୧୭ ପ୍ରତିଶତ, ୨୦୧୯ରେ ୧୯ ପ୍ରତିଶତ, ୨୦୨୦ରେ ୨୧ପ୍ରତିଶତ, ୨୦୨୧ରେ ୨୩ ପ୍ରତିଶତ ଜମି ପଡିଆ ପଡିଛି ବୋଲି ବେସରକାରୀ ସର୍ଭେରୁ ଜଣାପଡିଛି। ଏ ନେଇ ବାଲୁଗାଁର ଚାଷୀ ରଣଜିତ ଦଳବେହେରା କୁହନ୍ତି, ଧାନ ଚାଷ ପୂର୍ବରୁ ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦା ଯାଉଛି। ହେଲେ ଚାଷ ଆରମ୍ଭ ହେଲେ ଚାଷୀର ସମସ୍ୟା ବଢ଼ି ଚାଲିଛି। ସମାଧାନ ହେଉ ନ ଥିବାରୁ ଧୀରେ ଧୀରେ ଚାଷୀ ଚାଷ ପ୍ରତି ବିତସ୍ପୃହ ହେଉଛନ୍ତି। ପ୍ରତିବର୍ଷ ଧାନ ଚାଷ ହ୍ରାସ ପାଉଛି। ହେଲେ ସରକାରୀ ରେକର୍ଡରେ ଶତପ୍ରତିଶତ ଚାଷ ହେଉଛି। ଭାପୁରର ବୀରଭଦ୍ର ବିଶ୍ୱାଳ କୁହନ୍ତି, ସରକାର ବିହନ ପ୍ରର୍ଯ୍ୟାପ୍ତ ପରିମାଣରେ ଯୋଗାଇବାର ବ୍ୟବସ୍ଥା କରନ୍ତୁ। ତାହା ପୁଣି ଭଲ ବିହନ ହେବା ଦରକାର। ନ ହେଲେ ଚାଷୀ ବିହନ ନେଇ ବେଶୀ ହଇରାଣ ହେବେ। କାରଣ ତା' ପାଖର ବିହନ ନାହିଁ।

ଏ ନେଇ ଜିଲା ମୁଖ୍ୟ କୃଷୀ ଅଧିକାରୀ ବିଜୟ ପ୍ରଧାନ କୁହନ୍ତି, ଜିଲାସ୍ତରୀୟ ଖରିଫ ବୈଠକ ରାଜ୍ୟ ବୈଠକ ପରେ ହେବ। ଏଣୁ କେତେ ଜମିରେ ଧାନ ଚାଷ ହେବ ସେ ନେଇ ଜଣାପଡିନି। ଜିଲା କୃଷି ବିଭାଗ ପକ୍ଷରୁ ଖରିଫ ବୈଠକ ସମ୍ପର୍କରେ ପ୍ରସ୍ତୁତି ପର୍ବ ଏକ ପ୍ରକାରର ଶେଷ ହୋଇସାରିଲାଣି।

## ବାଘ ଖାଇ ଦେଲା ପରେ ବନ୍ଦ ଅକ୍ଷୟ ତୃତୀୟା

**ନୟାଗଡ଼ ଅଫିସ /ଦଶପଲ୍ଲା, ୨।୫ (ଡି.ଏନ୍.ଏ.)**

ଅକ୍ଷୟ ତୃତୀୟାରେ ୬୦ ବର୍ଷ ହେଲା ଅଖିମୁଠିର ପରମ୍ପରା ବନ୍ଦ ରହିଛି ନୟଗଡ଼ ଜିଲା ଦଶପଲା ବ୍ଲକ ଖମାରସାହି ପଞ୍ଚାୟତ ଭୋଗରା ଗାଁରେ। ଏଠାରେ ଅଣ ତୃତୀୟାରେ ଅଖିମୁଠିର ପରମ୍ପରା ପ୍ରଚଳିତ ହେଉଛି। ୬୦ବର୍ଷ ତଳେ ଭୋଗରା ଗାଁର ଭରତ ପ୍ରଧାନ (୨୮)ଙ୍କୁ ସ୍ଥାନୀୟ ବରସାହି ପାହାଡରେ ବାଘ ଖାଇ ଦେବା ପରେ ଗାଁ ପାଇଁ ଏହି ଦିବସ ଅଶୁଭ କହି ପର୍ବ ବନ୍ଦ କରି ଦେଇଥିଲେ ଗ୍ରାମବାସୀ। ପ୍ରକାଶ ଯେ, ଭୋଗରା ହେଉଛି ଏକ କୃଷକମାନଙ୍କର ଗାଁ। ଏଠାରେ ୫୫ ପରିବାର ବାସ କରୁଥିଲେ। ଗାଁର ୧ କି.ମି. ଦୂର ଦକ୍ଷିଣରେ ବରସାହି ପାହାଡ ଓ ମେଘମାଳ ଜଙ୍ଗଲ ରହିଛି। ପଶ୍ଚିମରେ ସାକେରୀ ଜଙ୍ଗଲ। ଗ୍ରାମବାସୀ ଚାଷକାର୍ଯ୍ୟ ଓ ଜଙ୍ଗଲ ଉପରେ ନିର୍ଭର କରି ଜୀବିକା ଅର୍ଜନ କରୁଥିଲେ। ସେତେବେଳେ ଏହା ଘଞ୍ଚ ଜଙ୍ଗଲ ଥିବାବେଳେ ଭରତ କାଠ ପାଇଁ ସାଙ୍ଗସାଥୀଙ୍କ ସହ ବରସାହି ପାହାଡକୁ ଯାଇଥିଲେ। ସେଠାରେ ଭରତଙ୍କୁ ବାଘ ଆକ୍ରମଣ କରି ମାରି ଦେଇଥିଲା। ଅକ୍ଷୟ ତୃତୀୟା ପର୍ବକୁ ସ୍ଥାନୀୟ ଗ୍ରାମବାସୀ ୬୦ ବର୍ଷ ପୂର୍ବରୁ ଧୁମ୍‌ଧାମ୍‌ରେ ପାଳନ କରୁଥିଲେ। ପର୍ବରେ ବାଘ ଖାଇ ଦେବା ପରେ ଅକ୍ଷୟ ତୃତୀୟା ବନ୍ଦ ହୋଇଯାଇଥିବାବେଳେ ଗ୍ରାମବାସୀଙ୍କ ନିଷ୍ପତ୍ତିକ୍ରମେ ଅଣ ତୃତୀୟାରେ ଅଖିମୁଠିର ପରମ୍ପରା ପ୍ରଚଳିତ ହେଉଛି। ଏପରିସ୍ଥିତିରେ ଗ୍ରାମର ପରିବାର ସଂଖ୍ୟା ୩୦୦ରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ଜଙ୍ଗଲର ଦୂରତ୍ୱ ବଢ଼ି ଘଞ୍ଚ ଜଙ୍ଗଲ ହ୍ରାସ ପାଇଛି। ସେହିପରି ଗାଁ ଲୋକଙ୍କର ଜୀବନ ଜୀବିକାରେ ପରିବର୍ତ୍ତନ ଆସିଛି। ତେବେ ଅକ୍ଷୟ ତୃତୀୟା ପର୍ବ ପାଳନ ଏଯାବତ ଏହା ବନ୍ଦ ରହିଛି।



ଅତିଥିରେ ଅଖିମୁଠି ଅନୁକୂଳ କରାଯାଉଛି।

## ମହାନଦୀକୁ ମାଛ ଧରିବାକୁ ଯାଇ ଧୀବର ମୃତ

**ଖଣ୍ଡପଡା,୨।୫(ସ୍ୱ.ପ୍ର)**

ମହାନଦୀକୁ ରବିବାର ସକାଳୁ ମାଛ ଧରିବାକୁ ଯାଇଥିବା କଣ୍ଟିଲୋ ଅଞ୍ଚଳର ଧୀବର ବଂଶୀଧର ଦଳେଇ(୭୦) ନଦୀରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ସୋମବାର ସକାଳୁ ବଂଶୀଧରଙ୍କ ମୃତଦେହ କଟକ ଜିଲା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମ ନିକଟ ମହାନଦୀରେ ଭାସୁଥିବା ନଜରକୁ ଆସିଥିଲା। ବଡମ୍ବା ପୋଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି। ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତସ୍ଥିତ ଫକୀର ଅତବୁଦ୍ଧିପାଟଣା ଗାଁର ବଂଶୀଧର ସବୁଦିନ ପରି ରବିବାର ସକାଳୁ ମାଛଧରା ଜାଲ ନେଇ ନିକଟସ୍ଥ ମହାନଦୀକୁ ଯାଇଥିଲେ। ମାଛମାରି ନଦୀକୂଳ ବାଲି ପଠାରେ ମାଛ ଖାଉଥିବା ସମୟରେ ହଠାତ୍ ପବନ ଯୋଗୁ ନଦୀକୂଳରେ ଥିବା ବଂଶୀଧରଙ୍କ ଡଙ୍ଗାଟି ନଦୀମଧ୍ୟକୁ ଭାସି ଯାଇଥିଲା। ଡଙ୍ଗାଟିକୁ ଉଦ୍ଧାର କରିବାକୁ ବଂଶୀଧର ନଦୀ ମଧ୍ୟକୁ ଯାଇଥିବା ବେଳେ ମହାନଦୀର ସ୍ରୋତରେ ସେ ଭାସି ଯାଇଥିଲେ। ନିକଟରେ ମାଛ ମାରୁଥିବା ତାଙ୍କର ମଝିଆ ପୁଅ ତପନ ବାପାଙ୍କୁ ଉଦ୍ଧାର ପାଇଁ ଆସିଥିବା ବେଳେ ସେ ନଦୀରେ ବୁଡି ନିଖୋଜ ହୋଇଯାଇଥିଲେ। ଦୀର୍ଘ ସମୟ ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି କରି ନିରାଶ ହୋଇ ଅପରାହ୍ନରେ ଫେରି ଯାଇଥିଲେ। ଗରିବ ନୀରିହ ବଂଶୀଧର ପରିବାରକୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ମହିଳା ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ କର୍ମଶାଳା




କର୍ମଶାଳାରେ ଯୋଗଦେଇଥିବା ପ୍ରତିନିଧିମାନେ

**ଦଶପଲ୍ଲା,୨।୫ (ଡି.ଏନ.ଏ.)**

ନୟାଗଡ଼ ଜିଲା, ଦଶପଲ୍ଲା ବ୍ଲକ, ଶିମିଳିସାହି ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ, ମହିଳା ଜୀବିକା ସୁରକ୍ଷା ମଞ୍ଚ, ନୟାଗଡ଼ ପକ୍ଷରୁ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରାରମ୍ଭରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କୁଲୁରୁକୁମ୍ଭା ସରପଞ୍ଚ ଅଶୋକ କୁମାର ନାୟକ ଏବଂ ସିମିଳିସାହି ସରପଞ୍ଚ ପୁଷ୍ପମାଲ୍ୟ ଅର୍ପଣ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ସଙ୍ଗଠନର ସଂଯୋଜକ ସଙ୍ଗଠନ ସମ୍ବନ୍ଧୀୟ କାର୍ଯ୍ୟଧାରା ଓ ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ରାଜ୍ୟସ୍ତରୀୟ ଅନୁଷ୍ଠାନର କର୍ମକର୍ତ୍ତା ଚିତ୍ତରଞ୍ଜନ ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ ୧୯୬୪, ଧାରା ୧୨୫ ଅନୁଯାୟୀ ପଞ୍ଚାୟତିରାଜ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ବୁଝାଇଥିଲେ। ଉପସ୍ଥିତ ପ୍ରତିନିଧିମାନେ ଆଇନ ସମ୍ବନ୍ଧୀୟ ପ୍ରଶ୍ନ ପଚାରି ଉତ୍ତର ବୁଝି ଥିଲେ।

## ବେଦ ବିଦ୍ୟାଳୟ, ପାଠାଗାର କରାଯାଉ

### ଶ୍ରୀନୀଳମାଧବ କ୍ଷେତ୍ରର ବିକାଶ ପ୍ରକଳ୍ପ

**ଖଣ୍ଡପଡା,୨।୫(ସ୍ୱ.ପ୍ର)**

କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ରର ବିକାଶ ନିମନ୍ତେ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି। ତେବେ ଶ୍ରୀନୀଳମାଧବ ପର୍ଯ୍ୟଟନ ପୀଠ ସହ ଜଡିତ ନିକଟସ୍ଥ ମା' ନାରାୟଣୀଙ୍କ ପୀଠ, ନୀଳମାଧବଙ୍କ ଆଦ୍ୟ ସେବକ ବିଶ୍ୱାବସୁ ଜନ୍ମପୀଠସ୍ଥିତ ଲଳିତ ମାଧବ ପୀଠର ବିକାଶ ସହ ନିର୍ମାଣ ପରଠାରୁ କାର୍ଯ୍ୟକ୍ଷମ ହେଉ ନ ଥିବା ପାନ୍ଥଶାଳାର ପୁନରୁଦ୍ଧାର, କଣ୍ଟିଲୋକୁ ସଂଯୋଗ କରୁଥିବା ଚତୁଃପାର୍ଶ୍ୱ ରାସ୍ତାର ପ୍ରଶସ୍ତୀକରଣ, ମାଘମେଳା ଯାତ୍ରା ପଡିଆର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପ୍ରତି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ବିକାଶ ମଞ୍ଚର ଆବାହକ ଅଭିଳାଷ ପଣ୍ଡା କଣ୍ଟିଲୋଠାରେ ରବିବାର ଏକ ଖବରଦାତା ସମ୍ମିଳନୀରେ ଦାବି ଉପସ୍ଥାପନ କରିଛନ୍ତି। ଅପରପକ୍ଷରେ କଣ୍ଟିଲୋ ପର୍ଯ୍ୟଟନ କ୍ଷେତ୍ର ସହ ଆଧ୍ୟାତ୍ମିକ କ୍ଷେତ୍ର ହୋଇଥିବାରୁ ଏଠାରେ ଏକ ବେଦ ବିଦ୍ୟାଳୟ, ମହାବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତା ରହିଛି ବୋଲି ସେ ମତ ରଖିଥିଲେ। ସାଧୁସନ୍ଥମାନଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ ସହ ଶ୍ରୀନୀଳମାଧବଙ୍କ ଉପରେ ଗବେଷଣା ନିମନ୍ତେ ବର୍ଷର ବିଭିନ୍ନ ସମୟରେ ଆସୁଥିବା ଗବେଷକ ଓ ଛାତ୍ରୀଛାତ୍ରଙ୍କ ଜ୍ଞାନ ଆହରଣ ନିମନ୍ତେ ଉନ୍ନତମାନର ପାଠାଗାର ନିର୍ମାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କଣ୍ଟିଲୋ ଦେଇ ପ୍ରସ୍ତାବିତ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଲେ ଦୁର ଦୁରାନ୍ତରୁ ପର୍ଯ୍ୟଟକମାନେ ଅଞ୍ଚଳକୁ ପରିଭ୍ରମଣରେ ଆସିବାର ସୁବିଧା, ସୁଯୋଗ ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଥିଲା। ସେହିପରି ମନ୍ଦିର ପୂଜକ ସମାଜର ବିଭିନ୍ନ ସମସ୍ୟା ପ୍ରତି ରାଜ୍ୟ ସରକାର ଧ୍ୟାନ ଦେବାକୁ ଦାବି ଉଠିଥିଲା। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀନୀଳମାଧବ ପୂଜକ ସମାଜର ସମ୍ପାଦକ ମନୋଜ କୁମାର ମିଶ୍ର, ଉପସଭାପତି ମନୋରଞ୍ଜନ ମିଶ୍ର, ସଦସ୍ୟ ରାସେଶ୍ୱର ମିଶ୍ରଙ୍କ ସମେତ ମା' ନାରାୟଣୀ ମନ୍ଦିରର ପୂଜକ ଭବାନୀ ଶଙ୍କର ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।




ଖଣ୍ଡପଡ଼ା ବିକାଶ ମଞ୍ଚ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

## ଶିକ୍ଷକଙ୍କ ଶ୍ରାଦ୍ଧ ଦିବସ



**ନୟାଗଡ଼ ଅଫିସ,୨।୫**

ଶରଣକୁଳ ନିକଟସ୍ଥ ଶିଖରପୁର ବନମାଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଗୌରବ ଗୁରୁ ଗୋବିନ୍ଦ ଚନ୍ଦ୍ର ଦାଶଙ୍କ ଶ୍ରାଦ୍ଧ ବାର୍ଷିକୀ ସୋମବାର ପାଳିତ ହୋଇଯାଇଛି। ଏ ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପିନ ବିହାରୀ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷୟିତ୍ରୀ ନର୍ମଦା ରଥ, ପ୍ରମୋଦା ଦେବୀ, ସଞ୍ଜୁବାଳା ଦେବୀ, ସୁଜାତା ହୋତା, ଭାନୁମତି ଦେଇ, ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ପ୍ରଦୀପ କୁମାର ମହାପାତ୍ର ଓ ରମେଶ କୁମାର ମାଝି ପ୍ରମୁଖ ଯୋଗଦେଇଥିଲେ। ସେମାନେ ଗୁରୁ ସ୍ୱର୍ଗତ ଦାଶଙ୍କର ସ୍ମୃତି ଚାରଣ କରିଥିଲେ।

## ଓଡ଼ଗାଁ ନୂଆ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ

**ଓଡ଼ଗାଁ, ୨।୫ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଭାବେ ବନ ଅଧିକାରୀ ଆଶିଷ କୁମାର କଅଁର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ କନ୍ଧମାଳ ଜିଲା ରାଇକିଆରୁ ବଦଳି ହୋଇ ଆସିଛନ୍ତି। ଏଠାରେ କାର୍ଯ୍ୟରତ ବନାଞ୍ଚଳ ଅଧିକାରୀ ଅମ୍ରିତ କୁମାର ସାହୁଙ୍କୁ ସାତକୋଶିଆ ଡିଭିଜନ ପାମ୍ପସର ରେଞ୍ଜକୁ ବଦଳି ହୋଇଛି। ନୂତନ ବନ ଅଧିକାରୀ ବନ ସଂରକ୍ଷଣ, ବନ ସବୁଜୀକରଣ ଓ ବନ୍ୟ ପ୍ରାଣୀ ସଂରକ୍ଷଣ ପ୍ରତି ଧ୍ୟାନ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ବଣ୍ଟନ

**ନୟାଗଡ଼ ଅଫିସ,୨।୫**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ନୟାଗଡ଼ ଜିଲା ପାଇଁ ମଞ୍ଜୁର ହୋଇଥିବା ମାଗଣା ଲ୍ୟାପଟପ୍‌କୁ ଜିଲାପାଳ ପୋମା ଟୁଡୁ ବିଭିନ୍ନ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷାରେ ଅଧ୍ୟୟନ ରତ ୪ଜଣ ଦୃଷ୍ଟିବାଧିତ ଛାତ୍ରଙ୍କୁ ପ୍ରଦାନ କରିଛନ୍ତି। ନୂଆଗାଁ ବ୍ଲକର ଚିନ୍ତାମଣୀ ପ୍ରଧାନ, ଓଡ଼ଗାଁ ବ୍ଲକର ଶିବରାମ ସାହୁ, ରଣପୁର ବ୍ଲକର ମାନସ ସାହୁ ଓ ଶ୍ରୀଶୁଭେନ୍ଦୁ କୁମାର ନାୟକ ପ୍ରମୁଖ ଲ୍ୟାପଟପ ନେଇଛନ୍ତି। ପ୍ରକାଶ ଥାଉ କି ଦୃଷ୍ଟିବାଧିତ ଭିନ୍ନକ୍ଷମ ଛାତୀଛାତ୍ରଙ୍କୁ ମାଗଣାରେ ଲ୍ୟାପଟପ ପ୍ରଦାନ ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାର ୨୦୧୩-୧୪ ମସିହାରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଅଦ୍ୟାବଧି ନୟାଗଡ଼ ଜିଲାରେ ମୋଟ ୩୮ ଜଣ ଛାତ୍ର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରଣପୁରରେ ଶ୍ରମିକ ଦିବସ




**ରଣପୁର, ୨।୫ (ସ୍ୱ.ପ୍ର.)**

ଶ୍ରମିକ ଦିବସ ଅବସରରେ ନୟାଗଡ଼ ଜିଲା ରଣପୁର ଶହୀଦ ରଘୁ ଦିବାକର ଭବନରେ ସିଆଇଟିୟୁ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ରବିବାର ଶ୍ରମିକମାନଙ୍କର ଲାଲ ଝଣ୍ଡାକୁ ନେତା ଭିକାରୀ ଚରଣ ସାହୁ ଆନୁଷ୍ଠାନିକ ଭାବେ ଉତ୍ତୋଳନ କରିଥିଲେ। ଶହୀଦ ବେଦିରେ ମାଲ୍ୟାର୍ପଣ କରିଥିଲେ। ଉପସ୍ଥିତ ଅତିଥି ଓ ସାଥୀମାନେ ମଧ୍ୟ ମାଲ୍ୟାର୍ପଣ କରିଥିଲେ। ପରେ ସାଥୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ସଭାରେ ବକ୍ତାମାନେ ଶ୍ରମିକ ଦିବସର ବିଶେଷତ୍ୱ ସହ ଶ୍ରମିକ ଦିବସରେ ସେମାନଙ୍କର ସମସ୍ୟା ପାଇଁ ପୁଞ୍ଜିବାଦୀ ଓ ସାମ୍ରାଜ୍ୟବାଦୀ ନୀତିକୁ ଅନୁସରଣ କରୁଥିବା ସରକାରଙ୍କୁ ଦାୟୀ କରିଥିଲେ। ୪୪ ଶ୍ରମିକ ଆଇନକୁ ବାତିଲ କରି ବର୍ତ୍ତମାନ ଭାଜପା ମୋଦି ସରକାର ଗ୍ରହଣ କରିଥିବା ୪ଟି ଶ୍ରମିକ କୋର୍ଡ ଯାହାକି ସମ୍ପୂର୍ଣ୍ଣ ଶ୍ରମିକ ସ୍ୱାର୍ଥ ବିରୋଧୀ ତାକୁ ବାତିଲ ନିମନ୍ତେ ଆନ୍ଦୋଳନ କରାଯିବ ବୋଲି ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏଥିସହ ଚାଷୀ ବିରୋଧୀ କଳା କୃଷି ଆଇନ, ଆକାଶ ଛୁଆଁ ଦରବୃଦ୍ଧି, ସାମ୍ପ୍ରଦାୟିକ ବିଦ୍ୱେଷ ବିରୋଧରେ ଶ୍ରମିକ ଓ କୃଷକମାନେ ଐକ୍ୟ ବଦ୍ଧ ଆନ୍ଦୋଳନ ପାଇଁ ଶ୍ରମିକ ଦିବସରେ ଶପଥ ଗ୍ରହଣ କରିଥିଲେ। ସଭାରେ କୃଷକ ନେତା ହରିଶ୍ଚନ୍ଦ୍ର ମିଶ୍ର, କ୍ଷେତ ମଜଦୁର ନେତା ନିତ୍ୟାନନ୍ଦ ପରିଡା ଓ ଧ୍ରୁବଶାସନ ଜେନା, ଶ୍ରମିକ ନେତା ସୁରେଶ ସ୍ୱାଇଁ, ସଂଯୁକ୍ତା ସେଠୀ, ସୁକାନ୍ତି ଜେନା, ରଞ୍ଜୁବାଳା ସାହୁ, କୁଳମଣୀ ପଲେଇ ବକ୍ତବ୍ୟ ରଖିଥିଲେ। ଶେଷରେ ସୁନୀଲ ମାହନ୍ତି ଧନ୍ୟବାଦ ଦେଇଥିଲେ।

# ଆଜି ଅକ୍ଷୟ ତୃତୀୟା, ଚାପକୁ ବିଜେ ହେବେ ଶ୍ରୀଜୀଉ

- ଚଳଚଞ୍ଚଳ ଶ୍ରୀନୀଳମାଧବ ପୀଠ
- କର୍ପୂର, ଚନ୍ଦନ, ତୁଳସୀରେ ମହକିବ ଦାଣ୍ଡ

**ଖଣ୍ଡପଡା,୨।୫(ସ୍ୱ.ପ୍ର)**

ମଙ୍ଗଳବାର ଅକ୍ଷୟ ତୃତୀୟା। ପୁରୀ ଶ୍ରୀମନ୍ଦିରର ପରମ୍ପରା ଓ ସମସ୍ତ ନୀତିକାନ୍ତି ସହ ସାମଞ୍ଜସ୍ୟ ଥିବା ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ଚନ୍ଦନ ଯାତ୍ରା ମଙ୍ଗଳବାର ଆରମ୍ଭ ହେବ। ତେବେ ପରିତ୍ୟକ୍ତ ଚନ୍ଦନ ପୁଷ୍କରିଣୀର ଅବ୍ୟବସ୍ଥା ଯୋଗୁଁ ଠାକୁରଙ୍କ ଏହି ବାହ୍ୟ ଯାତ୍ରା ଦୀର୍ଘ ୫ ବର୍ଷ ହେଲା ବନ୍ଦ ରହିଥିଲା। ସମ୍ପ୍ରତି ଚନ୍ଦନ ପୋଖରୀର ଦଳ ଓ ଆବର୍ଜନା ପ୍ରଶାସନ ପକ୍ଷରୁ ବିଶେଷକରୁ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଚେଷ୍ଟାକ୍ରମେ ସଫା ହୋଇ ମହାନଦୀରୁ ମୋଟର ପମ୍ପ ଯୋଗେ ଆବଶ୍ୟକ ଜଳ ଭରାଯିବାମ ପରେ ଠାକୁରଙ୍କ ଚନ୍ଦନ ଚାପ ନୀତି କରାଯିବାର ସମସ୍ତ ପ୍ରସ୍ତୁତି ପର୍ବ ସମ୍ପନ୍ନ ହୋଇଥିବା ଜଣାଯାଇଛି। ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀଙ୍କୁ ସଙ୍ଗରେ ଧରି ମଣି ବିମାନ ଯୋଗେ ଜଳକ୍ରୀଡା (ଚାପ) ପାଇଁ ଚନ୍ଦନ ପୋଖରୀକୁ ବିଜେ ହେବେ। ଏଥିପାଇଁ ନୀଳମାଧବ ପୀଠ ଚଳଚଞ୍ଚଳ ହୋଇଉଠିଛି। ଠାକୁର ମନ୍ଦିରରୁ ବାହାରି ଚାପକୁ ବିଜେ ହେବା ସମୟରେ କର୍ପୂର, ଚନ୍ଦନ ଓ ତୁଳସୀରେ ଦାଣ୍ଡ ମହକି ଉଠିବା ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବ। ଏଥିପାଇଁ ନୀଳମାଧବ ପ୍ରେମୀ ଶ୍ରଦ୍ଧାଳୁ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

### ଏମାନେ ଯାହା କୁହନ୍ତି...



"ଅଞ୍ଚଳବାସୀଙ୍କ ଆବେଗ ତଥା ଭାବାବେଗକୁ ଦୃଷ୍ଟିରେ ରଖି ପାରମ୍ପରିକ ଚନ୍ଦନ ଯାତ୍ରାକୁ ଅକ୍ଷୟ ତୃତୀୟାଠାରୁ ଚାଲୁ କରିବାକୁ ଆବଶ୍ୟକ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ଏହି କାର୍ଯ୍ୟରେ ନିୟୋଜିତ ଛତିଶା ନିଯୋଗ, ପୂଜକ ସମାଜର କର୍ମକର୍ତ୍ତା, ଆପଟ, କୈବର୍ତ୍ତ ସମାଜର କର୍ମକର୍ତ୍ତାଙ୍କ ସମେତ ଅନ୍ୟ ନିଯୋଗୀମାନଙ୍କ ସହ ଆଲୋଚନା କରି ଶୃଙ୍ଖଳାର ସହ ଠାକୁରଙ୍କ କାର୍ଯ୍ୟ ସମ୍ପାଦନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସମସ୍ତ ସେବାସୀ ଓ ଅଞ୍ଚଳବାସୀଙ୍କ ସହଯୋଗ କାମନା କରୁଛି।

- ପାର୍ଥସାରଥୀ ହାସଁଦା, ତହସିଲଦାର ଖଣ୍ଡପଡ଼ା ।



"୫ବର୍ଷ ହେଲା ବନ୍ଦ ଥିବା ଶ୍ରୀନୀଳମାଧବ ଜୀଉଙ୍କ ପାରମ୍ପରିକ ଚନ୍ଦନ ଯାତ୍ରା ମଙ୍ଗଳବାରଠାରୁ ପୁଣି ଆରମ୍ଭ ହେବାକୁ ପ୍ରଶାସନିକ ନିଷ୍ପତ୍ତି ନିଆଯାଇଛି। ଏହା ଏକ ପ୍ରଶଂସନୀୟ ପଦକ୍ଷେପ। ଏଥିପାଇଁ କଣ୍ଟିଲୋ ଅଞ୍ଚଳବାସୀ ଓ ଲୋକପ୍ରତିନିଧିମାନେ କୃତଜ୍ଞତା ଜଣାଇଥିବା ସେ ପ୍ରକାଶ କରିଛନ୍ତି। ଦୀର୍ଘବର୍ଷ ପ୍ରତୀକ୍ଷା ପରେ ଠାକୁରମାନେ ଚାପକୁ ବିଜେ ହେବେ, ଏଥିପାଇଁ ଅଞ୍ଚଳବାସୀ ଖୁସି ଅଛନ୍ତି। ତେବେ ଶ୍ରୀଜୀଉମାନେ ଚାପକୁ ବିଜେ ହେବା ସଙ୍ଗେ ସଙ୍ଗେ ବିଧି ବିଧାନକ୍ରମେ ଗ୍ରାମ ବିଜେ ହୋଇ ଚାଟେରୀ ଭୋଗ ଲାଗି ହେଲେ ପୂର୍ବ ପରମ୍ପରା ଫେରି ଆସନ୍ତା। ଏଥିପାଇଁ ମୁଖ୍ୟତଃ ସେବାସୀମାନଙ୍କ ଆନ୍ତରିକତା ସହଯୋଗ କାମନା କରୁଛି।

-ଶ୍ରୀୟାରାଣୀ ବେହେରା, ସରପଞ୍ଚ, କଣ୍ଟିଲୋ



"ଶ୍ରୀନୀଳମାଧବ ଜୀଉଙ୍କ ଅପାର କରୁଣାରୁ କଣ୍ଟିଲୋ ଅଞ୍ଚଳବାସୀଙ୍କ ଆଶା ଓ ଅଭିଳାସ ପୂର୍ଣ୍ଣ ହେବାକୁ ଯାଉଛି। ୫ବର୍ଷ ପରେ ଠାକୁର ପାରମ୍ପରିକ ଚନ୍ଦନ ଚାପକୁ ଚନ୍ଦନ ପୋଖରୀକୁ ବିଜେ ହେବେ। ଏଥିନିମନ୍ତେ ବିଧି ବିଧାନକ୍ରମେ ଚନ୍ଦନ ପୋଖରୀ ଓ ଚନ୍ଦନ ମଣ୍ଡପରେ ଆବଶ୍ୟକ ପୂଜାର୍ଚ୍ଚନା ଓ ହୋମ କାର୍ଯ୍ୟ ସମ୍ପାଦନ ହୋଇ ଶ୍ରୀଜୀଉମାନେ ଚାପକୁ ବିଜେ ହେବେ। ୨୧ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ପାରମ୍ପରିକ କାର୍ଯ୍ୟରେ ସମସ୍ତ ସେବାସୀ ଭାଇମାନେ ଆଗ୍ରହ ପ୍ରକାଶ କରିଛନ୍ତି।

-ନିହାର ରଞ୍ଜନ ମିଶ୍ର, ସଭାପତି ଶ୍ରୀନୀଳମାଧବ ପୂଜକ ସମାଜ



"ଦୀର୍ଘବର୍ଷର ବ୍ୟବଧାନ ପରେ ପ୍ରଭୁ ନୀଳମାଧବଙ୍କର ପରମ୍ପରା ଅନ୍ତର୍ଗତ ଚାପ କ୍ରୀଡା ଅନୁଷ୍ଠିତ ହେଉଥିବାରୁ କଣ୍ଟିଲୋ ଗ୍ରାମବାସୀ, ସେବାୟତ, କୈବର୍ତ୍ତ ସମାଜ, ଆପଟ ସମାଜ ତଥା ଏଥିସହ ସଂଲଗ୍ନ ସମସ୍ତ ବ୍ୟକ୍ତି ବିଶେଷ ପରମ ଆନନ୍ଦିତ। ଠାକୁରଙ୍କର ଚାଟେରୀ ଭୋଗ ପରମ୍ପରା ଚାଲୁ ରଖିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ଏହାଦ୍ୱାରା ଗାଁରୁ ମନୋମାଳିନ୍ୟ, ଅଶାନ୍ତି ଓ ରୋଗ ବୈରାଗ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି।

-ଉଜ୍ୱଳ ମହାରଣା, ଜିଲା ପରିଷଦ ସଭ୍ୟା

